


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୧ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 JANUARY 2021

Vol.No. 31 ■ No. 01 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ



ଭୁବନେଶ୍ୱର,୩୧।୧୨ (ନି.ପ୍ର): ଆଜି (ଗୁରୁବାର)ରାତି ୧୦ଟାରୁ ଆସନ୍ତାକାଲି (ଶୁକ୍ରବାର)ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଲାଗୁ କରିଛନ୍ତି ରାଜ୍ୟ ସରକାର। ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସାରା ରାଜ୍ୟରେ ଆଜି ରାତି ୧୦ଟାରୁ ଆସନ୍ତାକାଲି ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଲାଗୁ ହେବ। ରାଜ୍ୟବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ। କର୍ଫ୍ୟୁ ସମୟରେ ଜରୁରୀକାଳିନ ସେବା ଜାରି ରହିବ।ରାଜ୍ୟ ସରକାର ଏହି କର୍ଫ୍ୟୁ ସମୟରେ ଜରୁରୀକାଳିନ ସେବା ଜାରି ରହିବା ସହ ନିୟମ ଉଲ୍ଲଙ୍ଘନ ନ କରିବାକୁ ରାଜ୍ୟବାସୀଙ୍କ ନିବେଦନ କରିଛନ୍ତି । ଏହି ସମୟ ମଧ୍ୟରେ ସମସ୍ତ ଅତ୍ୟାବଶ୍ୟକୀୟ ସେବା, ଜରୁରୀକାଳୀନ ଯାତାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କର କାର୍ଯ୍ୟ ସଂକ୍ରାନ୍ତୀୟ ଯାତାୟତ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ବନ୍ଦ ରହିବ। ଏହି ନିର୍ଦ୍ଦେଶକୁ ପାଳନ କରିବା ପୂର୍ବକ ଏହି ସମୟ ମଧ୍ୟରେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହାକୁ କଡାକଡି ଭାବରେ କାର୍ଯ୍ୟକାରୀ କରାଇବା ପାଇଁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ପୋଲିସ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସାରା ରାଜ୍ୟରେ ୧୪୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ରହିବେ। ଭୁବନେଶ୍ୱର ଓ କଟକ କମିଶନରେଟ୍ ପୋଲିସ୍ ଅଂଚଳରେ ୪୦ ପ୍ଲାଟୁନ୍ ଏବଂ ପୁରୀରେ ୨୩ ପ୍ଲାଟୁନ୍ ପୋଲିସ୍ ନିୟୋଜିତ ହେବେ।

### ସ୍ନେହାଙ୍ଗିନୀ ଛୁରିଆ ହେଲେ ବିଜୁ ମହିଳା ଦଳ ସଭାନେତ୍ରୀ

ଭୁବନେଶ୍ୱର,୩୧।୧୨ (ନି.ପ୍ର): ବିଜେଡି ମହିଳା ଶାଖାର ସଭାନେତ୍ରୀ ଭାବେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିଯୁକ୍ତି ମିଳିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗୁରୁବାର ଦିନ ଏହି ନିଯୁକ୍ତି ଦେଇଛନ୍ତି ।ବରଗଡ ଜିଲ୍ଲାର ଅତାବିରାରୁ ବିଜେଡି ବିଧାୟିକା ଥିବା ଶ୍ରୀମତୀ ଛୁରିଆ ପୂର୍ବରୁ ରାଜ୍ୟ ସରକାରରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ବିଜେଡି ମହିଳା ସଭାନେତ୍ରୀ ଥିବା ମିନତୀ ବେହେରାଙ୍କୁ ୨୦୧୯ ଅଗଷ୍ଟ ମାସରେ ରାଜ୍ୟ ମହିଳା କମିଶନ ଆୟୋଗର ଅଧକ୍ଷା ଭାବେ ନିଯୁକ୍ତି ମିଳିବା ପରଠୁ ବିଜେଡି ମହିଳା ଶାଖାର ସଭାନେତ୍ରୀ ପଦ ଖାଲି ପଡ଼ିଥିଲା।




।। ଅଭିନନ୍ଦନ ଓ ଅଭିନନ୍ଦନ ।।
ଧ୍ୱନି ପ୍ରତିଧ୍ୱନିର ଅଗଣିତ ପାଠକ ପାଠିକା, ଶୁଭେଚ୍ଛୁ, ଲେଖକ ଲେଖିକା ଓ ବିଜ୍ଞାପନଦାତାଙ୍କୁ ୨୦୨୧ ନୂଆବର୍ଷର ଅନେକ ଅନେକ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରୋଗ ରଖନ୍ତୁ ଏବଂ ସମସ୍ତଙ୍କ ଚଳାପଥ କୁସୁମିତ ହେଉ । ଏତିକି ହିଁ କାମନା ।
- ଧ୍ୱନି ପ୍ରତିଧ୍ୱନି ପରିବାର


### ଆଜି ରାତି ୮ଟା ପରେ ଚାଲିବନି ମୋ ବସ୍

ଭୁବନେଶ୍ୱର,୩୧।୧୨ (ନି.ପ୍ର): ନୂଆବର୍ଷ ପାଳନ କଟକଣା ନେଇ ସାରା ରାଜ୍ୟରେ ଆଜି ରାତି ୧୦ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଥିବା ବେଳେ ଭୁବନେଶ୍ୱର ଓ କଟକରେ କମିସନରେଟ ପୋଲିସ୍ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଛି। ଏହି ସମୟରେ ସାଧାରଣ ଯାତାୟତ ଉପରେ କଟକଣା ରହୁଥିବାରୁ ଆଜି ରାତି ୮ଟା ଯାଏଁ ଚାଲିବ ମୋ ବସ୍। କ୍ରୁଟ୍(କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ) ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ଫଳରେ ରାତି ୮ଟା ପରେ 'ମୋ ବସ୍' ସେବା ମିଳିବ ନାହିଁ। କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ, ଯାତ୍ରୀମାନଙ୍କୁ ସନ୍ଧ୍ୟା ସାଢ଼େ ୫ଟାରେ ପୁରୀରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ପାଇଁ ଶେଷ ବସ୍ ମିଳିବ। ସେହିପରି କୋଣାର୍କରୁ ମାଷ୍ଟରକ୍ୟାଂଟିନ୍ ପାଇଁ ସନ୍ଧ୍ୟା ୫ଟା ୨୦ରେ ଶେଷ ବସ୍ ଛାଡ଼ିବ।

## କଟକ ଏସସିବିର ହେବ ନବ କଳେବର

### ଖର୍ଚ୍ଚ ହେବ ୩୫୦୦କୋଟି ଟଙ୍କା, ୧୭୫ ଏକର ଜମିରେ ହେବ ୫୦୦୦ ଶଯ୍ୟାର ହସ୍ପିଟାଲ



ଭୁବନେଶ୍ୱର,୩୧।୧୨ (ନି.ପ୍ର): କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ନବକଳେବର ହେବ। ଏହାକୁ ବିଶ୍ୱସ୍ତରୀୟ ଚିକିତ୍ସା ଅନୁଷ୍ଠାନ ଭାବେ ବିକଶିତ କରିବାପାଇଁ ୩୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଲକ୍ଷ୍ୟ ଏମସ୍ ପ୍ଲସ୍ ଯୋଜନାରେ ଭିତିଭୂମିର ବିକାଶ ସହିତ ବ୍ୟବସ୍ଥାରେ ମଧ୍ୟ ପରିବର୍ତନ ଅଣାଯିବ। ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ସରକାରୀ ସ୍ତରରେ ଏହା ଦେଶର ସର୍ବ ବୃହତ ପ୍ରକଳ୍ପ। ୫ହଜାର ଶଯ୍ୟା ସହିତ ଡାକ୍ତର , ରୋଗୀ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଏଠାରେ ଉପଲବ୍ଧ ହେବ ବୋଲି ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ୨୦୨୪ ଜାନୁଆରୀ ୧ ତାରିଖରେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୭୫ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ଶଯ୍ୟା ସଂଖ୍ୟା ୩୫୦୦ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ୫ ହଜାରକୁ ବୃଦ୍ଧି କରାଯିବ। ୩ ବର୍ଷରେ ସମ୍ପୂର୍ଣ୍ଣ ହେବାକୁ ଥିବା

▶▶ପୃଷ୍ଠା ୭




DADLS-69
ନବବର୍ଷ ୨୦୨୧ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ନବବର୍ଷ-୨୦୨୧ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରିରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0112/2021





DADLS-69
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ନୂଆବର୍ଷ ଅଭିନନ୍ଦନ

ନୂଆବର୍ଷ ୨୦୨୧ ଓଡ଼ିଶାବାସୀଙ୍କ ପାଇଁ ସୁଖମୟ ହେଉ । ସମସ୍ତଙ୍କ ପାଇଁ ଆନନ୍ଦ, ସମ୍ଭାବନା ଓ ସମୃଦ୍ଧିର ବର୍ଷ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।

ମୋର ପୂର୍ଣ୍ଣ ବିଶ୍ୱାସ ୨୦୨୧ରେ ବିଶ୍ୱରୁ କରୋନା ସଂକଟ ଦୂର ହେବ ଏବଂ ଭାରତ ସହିତ ଓଡ଼ିଶା ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେବ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR : 15001/13/0112/2021


## ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ପାଇଁ ପଦକ୍ଷେପ ନିଅନ୍ତୁ ରାଜ୍ୟ ସରକାର: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୩୧।୧୨ (ନି.ପ୍ର): ରାଜ୍ୟ ସରକାର ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ କରିବାକୁ ପ୍ରସ୍ତାବିତ ସଂକଳ୍ପ କ୍ୟାବିନେଟରେ ପାରିତ କରିବା ପରିପ୍ରେକ୍ଷୀରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଦୀର୍ଘ ଦିନର ଅନୁରୋଧ ତଥା ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ଚାକିରି କ୍ଷେତ୍ରରେ ଓ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି) ବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ଏ ବାବଦରେ ପୂର୍ବରୁ ଦୁଇ ଥର ଜାନୁଆରୀ ୧୫, ୨୦୨୦ ଏବଂ ଜୁଲାଇ ୨୫, ୨୦୧୯ରେ ଲେଖିଥିବା ପତ୍ରକୁ

▶▶ପୃଷ୍ଠା ୭

## ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଲେ ଅସିତ୍ ତ୍ରିପାଠୀ



ଭୁବନେଶ୍ୱର,୩୧।୧୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଅସିତ୍ ତ୍ରିପାଠୀ ଗୁରୁବାର ଦିନ କାର୍ଯ୍ୟରୁ ଅବସର ନେଇଛନ୍ତି। ମୁଖ୍ୟ ସଚିବ ଭାବେ ନିଜ କାର୍ଯ୍ୟଦିବସର ଶେଷ ଦିନରେ ସେ ସମସ୍ତ ସଚିବମାନଙ୍କୁ ଭେଟିବା ସହ ସେମାନଙ୍କ ସହ ନିଜର ଅନୁଭୂତି ବି ବଖାଣିଛନ୍ତି। ଆସନ୍ତାକାଲି ସୁରେଶ ଚନ୍ଦ୍ର ମହାପାତ୍ର ନୂତନ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ କହିଛନ୍ତି ଗତବର୍ଷ ଅଗଷ୍ଟ ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ନେବା ସମୟରେ ସେ କହିଥିବା ସରକାରୀ ଫାଇଲ ରକେଟ ବେଗରେ ଦଉଡିବା ପ୍ରସଙ୍ଗ ପୁଣି ଥରେ ଉଠାଇ କହିଲେ ମୋ ସହଯୋଗୀମାନେ କହୁଛନ୍ତି ଆମେ ଏଥିରେ ସଫଳ ହୋଇଛୁ । କୋଭିଡ ଭୟାବହତା ଓ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାର ସଫଳ ହୋଇଥିବା କହିଛନ୍ତି ବିଦାୟୀ ମୁଖ୍ୟ ସଚିବ ଅସିତ ।

▶▶ପୃଷ୍ଠା ୭




DADLS-69
ନବବର୍ଷ ୨୦୨୧ ଅବସରରେ ଶୁଭେଚ୍ଛା

ନବବର୍ଷ-୨୦୨୧ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।


ନୂଆବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ । ଏହା ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସମ୍ପ୍ରତି ଜାରି କରାଯାଇଥିବା କରୋନା ସଂକ୍ରମଣ ଜନିତ କଟକଣା ଅନୁପାଳନ କରିବା ଏବଂ ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ନିମନ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0112/2021


## ଜାନୁଆରୀ ୨ରୁ ଓଡିଶାରେ କୋଭିଡ୍ ଟିକାର ଡ୍ରାଏ ରନ୍




ଭୁବନେଶ୍ୱର,୩୧।୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୨ ତାରିଖରୁ ଓଡ଼ିଶା ସମେତ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ କୋଭିଡ-୧୯ ଟୀକାର ଡ୍ରାଏ ରନ୍ ଆରମ୍ଭ କରାଯିବ। ଓଡ଼ିଶାରେ ଏହା ଭୁବନେଶ୍ୱରରେ ପରିଚାଳିତ ହେବ ବୋଲି ଜଣାଯାଇଛି। ଏ ନେଇ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଦ୍ୱାରା ଭିଡିଓ କନ୍‌ଫରେନ୍ସିଂ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଭୁବନେଶ୍ୱର ସମେତ ରାଜ୍ୟର ୩୦ଟି ଜିଲ୍ଲା ମୁଖ୍ୟାଳୟରେ ଥିବା ମୁଖ୍ୟ ଡାକ୍ତରଖାନାରେ ଏହି ଟିକାକରଣ ପାଇଁ ଡ୍ରାଏ ରନ୍ କରିବାକୁ ଓଡ଼ିଶା ଅନୁରୋଧ କରିଛି । ଟୀକା ପ୍ରଦାନ ଅଭ୍ୟାସ ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାକୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ସ୍ଥାନରେ ୨୫ ଜଣ ହିତାଧିକାରୀ (ସ୍ୱାସ୍ଥ୍ୟ କର୍ମୀ)ଙ୍କୁ ଟୀକା ଦିଆଯିବ। ଏଥି ପାଇଁ ପ୍ରତ୍ୟେକ ସ୍ଥାନରେ ୫ ଜଣିଆ ଟିମ୍ କୁ ମୁତୟନ କରାଯିବ। ଡ୍ରାଏ ରନ୍ ସମୟରେ କୋଭିଡ-୧୯ ଟିକାକରଣ ଗାଇଡଲାଇନ୍ କୁ ପାଳନ କରାଯିବ।

## ଗୋଟିଏ ଦିନରେ ୩୧୫ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୮୭୩୮

ଭୁବନେଶ୍ୱର,୩୧।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୯୬୨୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୫୧୦୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୫୯୨ ରହିଛି । ଆଜି ଚିହ୍ନଟ ହୋଇଥିବା ୩୧୫ ଜଣଙ୍କ ମଧ୍ୟରୁ ୧୮୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

▶▶ପୃଷ୍ଠା ୭

# ନବବର୍ଷ ବିଶେଷାଙ୍କ-୨୦୨୧

## ନୂଆବର୍ଷ ! ସ୍ୱାଗତ ତୁମକୁ



**ଶରତ କୁମାର ଦାସ**

ସକାଳ ସୂରୁଜ ବୁଣଇ ମୁରୁଜ
ଝରିପଡ଼େ ମୋତି ହୀରା,
ଲକ୍ଷେ ସପନକୁ ଫୁଲରେ ସଜାଇ
ହସିଲାଣି ସସାଗରା ।।

ଫୁଲର ଦୋଳିରେ ଝୁଲିଲାଣି ଦିନ
ମଧୁପ ଗୁଂଜନ ଭରା,
ପ୍ରୀତିର ପୁଲକେ ଶିହରିତ ମହୀ
ସୁବର୍ଣ୍ଣର ମଧୁଝରା ।।

କାକର ବିନ୍ଦୁରେ ଜଳଜଳ ଛବି
ବାଜିଲାଣି ଶୁଭ ଶଙ୍ଖ,
ସରଗ ରାଇଜୁ ପୀୟୂଷର ଧାର
ଭରିଦେଉ ଯେତେ ସୁଖ ।।

ଯେତେ କପଟତା, ହିଂସା, ବ୍ୟଭିଚାର
ରକ୍ତର ହୋଲି ଖେଳ,
ଲିଭିଯାଉ ଦୁଃଖ, ଶୋକ ଓ ଯାତନା
ପାଦ ଥାପୁ ଶୁଭ ବେଳ ।।

ଗର୍ବ, ଅହଂକାର ରୁକ୍ଷ ଅନୁଭବ
ଅପସରି ଯାଉ ଭବେ,
ତନ୍ମୟର ଧାରା ବିକଶିତ ହେଉ
ସପ୍ତରଂଗ ଖେଳୁ ନଭେ ।।

ଶୀତ ସମୀରଣ ଗାଉ ଆବାହନୀ
ପ୍ରଗତିର ମହା ସ୍ତବ,
ମାନବିକତାର ମଧୁର ମହକେ
ଫୁଟିଉଠୁ ଭ୍ରାତୃ ଭାବ ।।

ସାମ୍ୟ, ମୁକ୍ତି, ମୈତ୍ରୀ, ସମୃଦ୍ଧିର ମନ୍ତ୍ରେ
ଉଦ୍ଭାସିତ ହେଉ ଧରା,
ଶାନ୍ତି, ସ୍ଥିରତାର ଉଡ଼ୁ ବୈଜୟନ୍ତୀ
ବହୁ ପ୍ରେମ ଫଲ୍ଗୁ ଧାରା ।।

ହେ ନୂଆବରଷ ! କରୁଛି ସ୍ୱାଗତ
ଆସ ତୁମେ ଧରା ପୃଷ୍ଠେ,
ସୁପ୍ତ ଚେତନାର ଜାଗରଣ ହେଉ
ହସ ଫୁଟୁ ଶୁଷ୍କ ଓଠେ ।।

ସମାଧିସ୍ଥ ହେଉ କାଳ ମହାମାରୀ
ପଦ୍ମଫୁଟୁ ଚଲା ପଥେ,
ଲୁହ ଓ ଲହୁର ଅବ୍ୟକ୍ତ ଯନ୍ତ୍ରଣା
ହଜୁ ନବବର୍ଷ ସାଥେ ।

ମାଟି ଅଗଣାରେ ଖୁସିର ରୋଷଣି
ଜଳୁଥାଉ ଝଲମଲ,
ବାସ୍ନାୟିତ ହେଉ ସୁଗନ୍ଧ କସ୍ତୁରୀ
ଫୁଟୁ ବିବେକର ଫୁଲ ।।

ବିଲୀନ ହେଉ ସବୁ ଅସହିଷ୍ଣୁତା
ପାପ ରାଶି ହେଉ କ୍ଷୟ,
ଅଧର୍ମ, ଅନୀତି ଦୂର ହେଉ ଯେତେ
ଧର୍ମର ହେଉ ଜୟ ।।

+ ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଗୁପ୍ତର ଘାଟରେ ସକାଳ



**ରତ୍ନାକର ରାଉତ**

ମୟୂର ପୁଚ୍ଛରେ ମୁରୁଜ ବୁଣୁଛି
ସକାଳ କଅଁଳ ଖରା
ସରଜୁ ନଦୀର ଶୀତୁଆ ପବନ
ଆଉଁସୁଛି ଦେହ ସାରା ।

ନଈକୁ ଚାହିଁଲେ ଦିଶିଯାଏ କା'ର
ଶ୍ୟାମଳ ସୁନ୍ଦର ରୂପ
ଗୁପ୍ତର ଘାଟର ପାଣି ଛୁଇଁଦେଲେ
ଧୋଇଯାଏ ସବୁ ପାପ ।

ପ୍ରଭୁ ରାମଚନ୍ଦ୍ର ପାତାଳି ହେବାରେ
ବିତିଲାଣି କେତେ କାଳ
ତଥାପି ଏ ତୁଠେ ନିତିପ୍ରତି କେତେ
ଭକତ ହୁଅନ୍ତି ଠୁଳ ।

ଭକତିରେ ଏହି ଧୂଳିକୁ ଦେହରେ
ଭକତ ହୁଅନ୍ତି ବୋଳି
ରାମ ଅବଶେଷ ଯେଉଁଠାରେ ଲୀନ
ସଭିଙ୍କ ପାଇଁ ସେ ମହାନ୍ ପୁଣ୍ୟସ୍ଥଳି ।

କାହିଁ କେତେ ଦୂରୁ ଭକତ ଜନଙ୍କ
ହୁଏ ଏଠି ସମାଗମ
କର୍ପୂର ଯାଇଛି ଏ ସ୍ଥାନରୁ ହଜି
ବାକି ଅଛି ରାମନାମ ।

ସେ ନାମକୁ ଧରି ଜପାମାଳି କରି
ବୁହାନ୍ତି ଜୀବନତରି
ରାମ ପୁଣ୍ୟନାମ ଶ୍ରବଣ ମାତ୍ରକେ
ହୃଦୟ ଉଠଇ ପୁରି ।

ଜୀବନର ତରୀ ଯାଏ ଭାସି ଭାସି
ସରି ସରି ଯାଏ ଆୟୁ
ଶ୍ରୀରମ କରୁଣା ଅଜାଡ଼ି ପଡ଼ିଲେ
ଏକାକାର ଲୁହ ଲହୁ ।

ଯେଉଁଠାରେ ରାମ ସେହିଠାରେ ଧାମ
ଆଶିଷର ବାରିଧାରା
ପାଣି ପବନରେ ଧୂଳି ଓ ଧରାରେ
ସବୁଠାରେ ଭରାଭରା ।

## ନୂଆ ବରଷର ନୂଆ ସକାଳ



**ରଶ୍ମୀ ସାମଲ**

... ନୂଆ ସକାଳ
ଆଣି ଦେବ କେତେ ନୂଆ ସପନ।

ସ୍ନେହ ପୀରତିର ଭାବ ବନ୍ଧନ
ମହକଇ ବାସ ସତେ ଚନ୍ଦନ।

ଦୁଇ ହଜାର କୋଡିଏ ମସିହା
ଅମର ସ୍ମୃତି ଯେ ହୋଇ ରହିଗଲା
ଏହି ଧରଣୀ ବକ୍ଷେ
କାନ ଉଠା ଦିନୁ ଶୁଣା ତ ନଥିଲା
ସାଉଁଟା ସ୍ମୃତିର କକ୍ଷେ।

ସମୟ ସୁଅରେ ଗଲା ଯେ ବହି
କେତେ ଦୁଃଖ ସୁଖ ଘଟଣା ହୋଇ
ଅସଜଡା ହେଲା କେତେ ସଂସାର
ଗଡୁଅଛି ଲୁହ ଆଖିରୁ ଧାର ଧାର।

କରୋନାର ଦୁଃଖ ବଢି ଯାଇଛି
ଜୀବନ ଜୀବିକା ଉଜୁଡି ପଡିଛି
ହୋଇଗଲା ଏବେ ବରଷ ଶେଷ
ଧରାରେ ଆସିଛି ନୂଆ ବରଷ।

ରୋଗ ଶୋକ ଦୁଃଖ ନ ଆସୁ ଆଉ
କାହା ମନେ ଆଉ ବ୍ୟଥା ନହେଉ
ସଭିଙ୍କ ମନରେ ଫୁଟୁ ଯେ ହସ
ଅନ୍ୟାୟ ଅନୀତି ହେ ରେ ନାଶ।

କିଏ କେତେ ମନେ ବାନ୍ଧିଛି ଆଶା
ସପନ ରାଇଜେ ନୂତନ ଦିଶା

ମନ ଉଦ୍ୟାନରେ ଫୁଲର ହସ
ଆସିଛି ଧରାରେ ନୂଆ ବରଷ।

ନୂଆ ବରଷର ନୂଆ ସଂଜରେ
ନୂଆ ଦୀପଟିଏ ଯାଇ ଜାଳିବା
ସେହି ଅନ୍ଧାରରେ ବିରହକୁ ସବୁ
ଜାଳି ଜାଳି ଆମେ ଦୂର କରିବା।

ପୁରୁଣା ବରଷ ବିଦାୟ ନେଲା
ଆସିଗଲା ନବବର୍ଷ
ସ୍ୱାଗତ କରିବା ନୂଆ ବରଷକୁ
ଓଠରେ ଫୁଟାଇ ହସ ।

+ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ଦୁଇ ହଜାର କୋଡିଏ



**ଝରଣା ବାରିକ**

ତୁ ଚାଲି ଯିବୁ ତୋହରି ବାଟରେ
ରଚି ଗୋଟେ ଇତିହାସ
ତୋ କଥାକୁ ଲୋକେ ମନରେ ପକାଇ
କରୁଥିବେ ଉପହାସ।

କେଉଁ ଅପରାଧ ଦଣ୍ଡର ସ୍ୱରୂପ
ଏତେ ଦୁଃଖ ଦେଇଗଲୁ
କେତେ ପରିବାର ଉଚ୍ଛନ୍ନ କରିକି
ଲୁହରେ ଭସେଇ ଦେଲୁ।

କି ସୁଖ ଦେବାକୁ ଆସିଥିଲୁ ଧାଇଁ
ଦେଇଗଲୁ ଦୁଃଖ ପରା
ତୋ ପାଦ ଦେବାରୁ ଭାଇରସ ଆସି
ବ୍ୟାପିଲା ପୃଥିବୀ ସାରା।

କୋରୋନା କୋରୋନା ଡରେଇ ସଭିଙ୍କୁ
ତୁଣ୍ଡି ପିନ୍ଧାଇଲୁ ମୁହେଁ

ରୋଗଟି ବ୍ୟାପିଲା ତୋହରି ସମୟେ
ଯିଏ ଯାହାକୁ ବି ଛୁଏଁ।

ବିଦାୟ ନେଇ ତୁ ଚାଲିଯା' ଧରାରୁ
ହସ ଟିକେ ଦେଇ ଯାଆ
ଭୁଲି ହେବନାହିଁ ଅଙ୍ଗେ ନିଭା କଥା
ଦେଇ ତୁ ସାରିଛୁ ଯାହା।

+ ସମଲ , ତାଳଚେର, ଅନୁଗୋଳ
(ମୋ) : ୯୫୫୬୮୪୬୯୩୨

## ନୂଆ ବରଷ ଆ...



**ଦୁଷ୍ମନ୍ତ ବେହେରା**

ନୂଆ ରୂପ ମେଲଣରେ ସଜେଇ ହୋଇ
ଯୌବନ ଚାହାଣି ଆହା ।।
ନୂଆ ଆଶା ନୂଆ ସ୍ୱପ୍ନ ନେଇ
ନୂଆ ବରଷଟି ଆ...

ତୁମ ବାଟକୁ ଅପେକ୍ଷା କରିଛି
ସାଥୀ କାନେ କହିବି ତୁମ କଥା
ଦୁଃଖ ସୁଖ, ଭଲ ମନ୍ଦ ନେଇ
ନୂଆ ବରଷଟି ଆ...
ଜୀବନ ଦ୍ୱୀପକୁ ଆଲୋକିତ କରି
ହସେଇ ଦେଇ ଯା ।।

ତୁମ କୂଳେ ଦିନରାତି- ଏ କୂଳ ଭାଙ୍ଗି
ଆର କୂଳ ଗଢ଼ି ଦିଅ...
ତୁମେ ସମୟ ସ୍ରୋତର ଖେଳ
ଫଟାଭୂଇଁ ଦେଖି ହସ ଫୁଟେଇ ଦିଅ ।।

ଚହଲ ସହଳ ମରୂଜମୁଖୀ
ଭାଷା ରାଇଜର ମସିହା..
ପୁରୁଣା ବରଷକୁ ବିଦାୟ ଦେଇ
ନୂଆ ବରଷଟି ଆ ।।

ଇତିହାସ ଦେଖିଅଛି ପୁରୁଣା ଚିତ୍ର
ଅଭୁଲା ସ୍ମୃତିର କଥା...
ଚିର ଚିତ୍ରଣ ଗୁଡ଼ିକ କହୁଥିବେ
ନୂଆ ବରଷଟି ଆ ।।

ଝଡ଼ି ବଢ଼ି ଖରା ବତାସକୁ ନେଇ
ନୂଆ ବରଷଟି ଆ...
ହସେଇ, କନ୍ଦେଇ, ଖେଳେଇ, ମଝେଇ
ନୂଆ ବରଷଟି ଯା ।।

ନୂଆ ଆଶା ନୂଆ ପୋଷାକ ନେଇ
ନୂଆ ବରଷଟି ଆ..
ସାଂଗ ସାଥି ମେଳେ ଜନେ ହସୁଥିବେ
ବାଣ୍ଟୁଥିବେ ନୂଆ ବରଷର ଗାଥା ।।

ମଳିନ ପଡ଼ିଛି ପୁରୁଣା ଦେହ
ଯୁବା ହୋଇ ଉଠିବ ନୂଆ ଯୌବନ
ଜୀବନ ଲକ୍ଷ୍ୟ ହସୁଖସିକୁ ନେଇ
ନୂଆ ବରଷଟି ଆ...

+ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ: ୯୯୩୭୬୫୨୫୦୪

## ଆସ ନୂଆବର୍ଷ



**କସ୍ତୁରୀ ଚରଣ ରାଉତ**

ଘେନି ହର୍ଷୋଲ୍ଲାସ ଆସ ନୂଆବର୍ଷ
ଶାନ୍ତିର ମଶାଲ ଜାଳି
ଶୁଭ ବାର୍ତ୍ତାବହ ସାଜି ଗନ୍ଧବହ
ଶୁଭାଶିଷ ଦିଅ ଢାଳି ।
ପ୍ରୀତିର ସନ୍ଦେଶ ଦିଅ ଦେଶ ଦେଶ
ଆତଙ୍କର ହେଉ ଅନ୍ତ
ଘୃଣାର ପାଚେରୀ ଯାଉ ଅପସରି
ବନ୍ଦ ହେଉ ରକ୍ତପାତ ।

ନ କରୁ ଅଥୟ ମହାମାରୀ ଭୟ
ଶାନ୍ତିରେ ଥାଆନ୍ତୁ ଲୋକେ
ଅଭାବ କଷଣ ନ କର ବର୍ଷଣ
ନ ମରନ୍ତୁ କେହି ଭୋକେ ।
ନ ରହୁ ସର୍ବଥା ଗୃହବନ୍ଦୀ ବ୍ୟଥା
ପ୍ରତିପ୍ରାଣେ ଭର ସୁଖ
ଡହଳବିକଳ ବିଦ୍ୟାର୍ଥୀ ସକଳ
ଦିଅନାହିଁ ଆଉ ଦୁଃଖ ।

ଶୋଷଣ, ଛଳନା ନରହୁ ଯାତନା
ନବବଧୂ ଅତ୍ୟାଚାର

ଦୋଷୀ ଦଣ୍ଡପାଉ ନ୍ୟାୟ ରହିଥାଉ
ଦୂରହେଉ ଭ୍ରଷ୍ଟାଚାର ।
ଦେଶ ଅନ୍ନଦାତା ନିରୀହ ଜନତା
ନ ରହନ୍ତୁ ହାତପାତି
ବିପତ୍ତି ନ ଆସୁ ଫସଲରେ ହସୁ
ମାଟିର ମୁକୁଳା ଛାତି ।
ଶାସକ ବିରୋଧୀ ଗଣତନ୍ତ୍ରରୋଧୀ
ନ ହୁଅନ୍ତୁ କେବେ ଆଉ
ନିର୍ଦ୍ଦୋଷ ପରଜା ନ ପାଆନ୍ତୁ ସଜା
ସୁଖେ ବରଷଟା ଯାଉ ।

+ ମକୁନ୍ଦପୁର, ବାଙ୍କି, କଟକ
ମୋ: ୮୯୧୭୩୯୭୩୪୮

## ନୂଆବର୍ଷ


**ଅଞ୍ଜଳି ପଣ୍ଡା**



ଶୁଶ୍
ଠପ୍ଠାପ୍ କେମିତି
ଝଡ଼ିପଡୁଛି
ଗଛରୁ ପତ୍ର,
ଥୁଣ୍ଟା ଗଛର
ଅଗରୁ ଗୁଜୁରି ଉଠୁଛି
କଷି ବଉଳ
ଗାଉଛି ହଳଦୀ ବସନ୍ତ
କେହି ଜଣେ କୁଣିଆ
ଆସୁଛି ନିଶ୍ଚୟ ।।
ଝର୍କା ଖୋଲି ହେଉନାହିଁ
ପୌଷ ସକାଳର
ହେମାଳ ବାଆ
ଜାଡ଼ରେ କୋଲ ମାରୁଛି
ହାତ ଗୋଡ଼
ଝରକା ଆର ପାଖେ ଧୂଆଁ
ଦିଶୁନାହିଁ ରାସ୍ତା କି ଲୋକ ।।
ଆଜି ବଜାର ସରଗରମ
ରାସ୍ତା କଡ଼େ କଡ଼େ
କଂସେଇ ଖାନା
ଲମ୍ଫାଧାଡ଼ିରେ ଲୋକ
ପଶୁ, ପକ୍ଷୀ
ଲଭୁଛନ୍ତି ନିର୍ବାଣ,
ରାତି ପାହିଲା ବେଳକୁ
ଜରି ଗୋଟାଳି ପିଲାମାନେ
ଖୋଜି ଚାଲିଛନ୍ତି
ଜରି ଓ ଭଙ୍ଗାରୁଜା ସାମାନ
କେହି ଜଣେ ମାଗୁଛି ଭିକ
ଦୂରରୁ ଶୁଣାଯାଉଛି
ଭଜନ କୀର୍ତ୍ତନ
ମାଇକରେ ବାଜୁଛି ଶସ୍ତା
ରୋମାଣ୍ଟିକ୍ ଗୀତ ।।

+ ଚୌଧୁରୀ ସାହି, ବାଲୋଶ୍ୱର

## ଆସିଛି ନୂଆ ବରଷ



**ସୁଧାକର ରାଉତ**

ଧୀରେ ଧୀରେ କୋଡିଏ ହେଲା ଶେଷ
ଧରାରେ ପ୍ରବେଶିଲା ଏକୋଇଶ ।

ତାହାକୁ ସର୍ବେ କରିବା ସ୍ୱାଗତ
ମନେ ମନେ ହୋଇଣ ଉଲ୍ଲସିତ ।

ନୂଆ ସକାଳର ନୂଆ କିରଣ
କରୁ ଆମ ମନୁ ଦୁଃଖ ହରଣ ।

ନୂଆ ବରଷରୁ ନେବା ଶପଥ
ଜୀବନେ ସର୍ବଦା କହିବା ସତ ।

ପାଠ ପଢ଼ିବା ନିଷ୍ଠେ ମନ ଦେଇ
ଭଲ ମଣିଷଟେ ହୋଇବା ପାଇଁ ।

ପିତା ମାତା ଆଉ ଗୁରୁଜନ
ତାଙ୍କୁ ସର୍ବଦା କରିବା ସମ୍ମାନ ।

ଦୁଃଖୀ ରଙ୍କିଙ୍କର ଦେଖିଲେ ଦୁଃଖ
ମନରେ ତାଙ୍କର ଭରିବା ସୁଖ ।

ମାନବ ସେବା ଯେ ମାଧବ ସେବା
ଏ କଥା ମନରୁ ନ ପାଶୋରିବା ।

ପରିବେଶ ଉପରେ ଦେଇ ଧ୍ୟାନ
ତାର ସୁରକ୍ଷାରେ ରଖିବା ମନ ।

ମାତୃଭୂମିର ରଖିବା ସମ୍ମାନ
ବାଜି ଲଗାଇ ନିଜର ଜୀବନ ।

ଈଶ୍ୱରଙ୍କ ଠାରେ ରଖି ଭକତି
ଶପଥ ପୂରଣେ ହୋଇବା ବ୍ରତୀ ।

+ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨

## କୋଡ଼ିଏ

**ତିମିରି ରଞ୍ଜନ ପଣ୍ଡା**



କେତେ ଯେ ପ୍ରହାର ଦେଲୁରେ କୋଡିଏ
ସବୁରି ହୃଦୟ ହାଣି,
କେତେ ରକ୍ତର ପିପାସୁ ସାଜିଲୁ
କହି କି ପାରିବୁ ଗଣି ?
କରିଥିଲୁ ଦିନେ ଧରାବତରଣ
ହସାଇ ମାନବ ଜାତି,(ହେଲେ)
ଅନ୍ତରରେ ଥିଲା ହଳାହଳ ଆଉ
ଅମାବାସ୍ୟାର ଭୀତି ।

ପୀୟୂଷ ବଦଳେ ବିଷ ତୁ ଦେଇଛୁ
ଆଖିରୁ ହଜାଇ ନିଦ,
ଅଧିକାର ନାହିଁ ନେବାକୁ ମେଲାଣି
ଭାବି ମନେ ଆସେ ଖେଦ ।
କରୋନାକୁ ଆଣି ହେଲୁ କଳଙ୍କିତ
କ୍ଷେତେ ପଙ୍ଗପାଳ ଦେଇ,
ମହାମାନବଙ୍କ ଜୀବନ ନାଶିଲୁ
ଚାଷୀ ଅଧିକାର ନେଇ ।
ମଣିଷ ଭିତରେ ସଜାଇଲୁ ଫାଟ
ଅସ୍ପୃଶ୍ୟତା ଗୀତ ଗାଇ,

ପୁତ୍ର ଅଧିକାର ଛଡାଇନେଲୁ ତୁ
ଶବାଧାରେ ଠିଆ ହୋଇ ।
ବଞ୍ଚିତ କଲୁ ତୁ ଜଗାର ଦର୍ଶନ
ବିଭା ଆଉ ବ୍ରତଘର,
କୋଡିଏ ଜନମ ପରେ ଏ ଜୀବନ
ଦେଖିଲା ଏ ରୂପ ତୋର ।

ଛଡାଇ ନେଲୁ ତୁ ଶିଶୁର ଶୈଶବ
ଦେଇଛୁ ମନରେ ବ୍ୟଥା,
ହେଲେ ବି ତୁ କିଛି ଶିଖାଇଦେଇଛୁ
କିଛି ହଜିଥିବା କଥା ।
ଧିକ୍ ତତେ ଆଜି ମେଲାଣି ଦେଉଛି
ହୃଦୟ ଝରକା ଖୋଲି,
ଦେଇଥିଲୁ ଯେତେ ନେଇଯା ତୋ' ସାଥେ
ନ ଖେଳି ମୃତ୍ୟୁର ହୋଲି ।

+ ରାଇରଙ୍ଗପୁର
୯୪୬୭୯୬୭୭୯୭

## ଆୟୁଷ୍ମାନ ନବବର୍ଷ

**ସୁବ୍ରତ ମଲିକ**



ନୂତନତାର ଆବାହନେ
ବିଦାୟୀ ବର୍ଷକୁ ବିଦାୟ ଦେଇ
ସ୍ୱାଗତ କରିବା ନବବର୍ଷ
ପ୍ରକୃତି ରାଣୀ ବି ସୁସଜ୍ଜିତ
ସବୁଜିମାରେ ବିମଣ୍ଡିତ
ପୁର ପଲ୍ଲୀଠୁ ଦୂର ସହର ।।

ନବ ଉଦ୍ଦୀପନା ନବ ବିଭାବନା
ପ୍ରତିଟି ପ୍ରାଣରେ ସୃଷ୍ଟି ଉନ୍ମାଦନା
ଅନ୍ତରରୁ ଅନ୍ତରୀକ୍ଷ
ପ୍ରତିଶ୍ରୁତିର ଫଲ୍ଗୁରେ
ବାସ୍ନାୟିତ ଚେତନାର ଚୌହଦୀ
ନୈସର୍ଗିକ ଭାବନାର ଖେଳେ ଲହରି ।।

ବିସ୍ତରିତ ସୁନୀଳ ଦିଗନ୍ତ
ଚନ୍ଦ୍ରସ୍ନାନ ସ୍ନିଗ୍ଧ ଆକାଶ
ନିଃଶବ୍ଦତାର ବୁକୁ ଚିରେ
ସମୀରର ମଧୁର ମୂର୍ଚ୍ଛନା
ପ୍ରତୀକ୍ଷାରେ ସକଳ ଜଗତ
ଆଶା ଓ ସମ୍ଭାବନାର ଏକ ନବୀନ
ଆୟୁଷ୍ମାନ ସକାଳ
ଆୟୁଷ୍ମାନ ନବବର୍ଷ ।।

+ ମଙ୍ଗଳପୁର, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬

## ନୂଆ ବରଷ

**ନିରଞ୍ଜନ ସାହୁ**

ପୁରୁଣା ବରଷ ବିଦାୟ ଘେନିଲା
ଆସିଗଲା ନୂଆ ବରଷ
ନୂଆ ବରଷକୁ ସ୍ୱାଗତ ସକାଶେ
ସଭିଙ୍କର ମନ ହରଷ ।।

ପୁରୁଣା ବରଷ ଇତିହାସ ହେଲା
ଭରି ଦେଇଗଲା ସ୍ମୃତି
ଘଟଣା ଯେତେକ ପୁରୁଣା ହୋଇଲା
ବରଷ ବି ହେଲା ଇତି
ନୂଆ ବରଷରେ ନୂଆ ଉନ୍ମାଦନା
ଦେବ ନୂଆ ନୂଆ ପରଶ ।।

ନୂଆ ସମ୍ଭାବନା ନୂଆ ଉଦ୍ଦୀପନା
ନୂଆ କଳପନା ଆଣି
ନୂଆ ବର୍ଷ ଆସେ ନୂଆ ପଦପାତେ
ନୂଆ ସୀମାରେଖା ଟାଣି
ନୂଆ ପ୍ରତିଶ୍ରୁତି ନୂଆ ସଂକଳ୍ପରେ
ନୂଆ ବର୍ଷ ହେଉ ସରସ ।।

+ ନିହଲପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶୁକ୍ରବାର, ୦୧ ଜାନୁଆରୀ, ୨୦୨୧

# ନବବର୍ଷ ବିଶେଷାଙ୍କ-୨୦୨୧

## କବିତା

### ନୂଆବର୍ଷର କାମନା

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ନୂଆ ବର୍ଷ
ନୂଆ ମନଟିଏ ନେଇ ଆସ
ନଥାଉ ତହିଁରେ ଭୟ ଭ୍ରାନ୍ତି
ଅହଂକାର କିମ୍ବା ହିଂସା ଦ୍ୱେଷ।
ଫୁଲରେ ଫଳରେ ନବୀନ ପତ୍ରରେ
ଘନ ବନାନ ର ନବ ପାଦପରେ
ଭରିଯାଉ ନୂଆ ରଙ୍ଗ ରୂପ ରସ।

ଖେଳିଯାଉ ଚତୁର୍ଦ୍ଦିଗେ ପୁଲକର ନୂଆ ବାସ
ନୂତନ ଆଲୋକେ
ଉଦ୍ଭାସିତ ହେଉ ସାରା ବିଶ୍ୱ।
ନୂତନ ଆଶାର ଅରୁଣ ଉଦୟେ
ଅପସରି ଯାଉ ଦୁଃଖ ତ୍ରାସ।
ଆଖିରେ ଝଲସୁ ସ୍ୱପ୍ନ ନୂଆ
ସବୁରି ଓଠରେ ନୂଆ ହସ
ଏତିକି କାମନା ନୂଆବର୍ଷ।

+ ୧୦୧- ପ୍ରକାଶଦୀପ ଟାୱାର
ଜୟଦୁର୍ଗା ନଗର, ଭୁବନେଶ୍ୱର-୦୬
ମୋ: ୯୯୬୮୨୮୦୮୯୬

### ଆସରେ କରିବା ପ୍ରାର୍ଥନା

**ପ୍ରକାଶ କୁମାର ଚାନ୍ଦ**

ଯାହା ଦେଇଗଲା ପୁରୁଣା ବରଷ
ମନୁ ତାକୁ ଭୁଲିଯାଇ
ନୂଆ ବରଷକୁ କରିବା ସ୍ୱାଗତ
ଆସରେ ଭଉଣୀ ଭାଇ ।
ପରସ୍ପର ଆମେ ଶୁଭେଚ୍ଛା ପତ୍ରରେ
ଜଣାଇବା ଅଭିନନ୍ଦନ
ନୂଆ ସକାଳଟା ସବୁରି ମନରେ
ଭରିଦେଉ ଫୁଲ ଚନ୍ଦନ ।
ମନରୁ ପାଶୋରି ମାନ ଅଭିମାନ
ଆସରେ ଏକାଠି ହେବା
ମିଳିମିଶି ଆମେ ପ୍ରଗତିର ରଥ
ଆଗକୁ ଆଗେଇ ନେବା ।

ନୂଆ ସକାଳର ନୂଆ ସୂରୁଯଟି
ବୁଣିଲେ କଅଁଳ ଖରା
ନୂଆ ଚିନ୍ତାଧାରା ନୂଆ ଭାବନାରେ
ହସିଉଠୁ ଏଇ ଧରା ।

ଅଧୁରା କାମକୁ କରିବା ପୂରଣ
ବାକି ରହିଅଛି ଯାହା
ଭୋକିଲାକୁ ଦେବା ମୁଠାଏ ଆହାର
ଦୁଃଖିନୀକୁ ହେବା ସାହା ।
ସଭିଙ୍କର ସୁଖ ନେଇଛି ଛଡେଇ
ଏ ମହାମାରୀ କରୋନା
ସଭିଙ୍କ ମଙ୍ଗଳ କରିବା ପାଇଁକି
ଆସରେ କରିବା ପ୍ରାର୍ଥନା ।

+ ଜୟପୁର ଶାସନ, ପିପିଲି, ପୁରୀ
ମୋ-୯୮୫୩୩୫୪୯୩୮

### ଆସ ତୁମେ ନୂଆ ବରଷ

**ପବିତ୍ର ମୋହନ ବାରିକ**

ନୂଆ ସମ୍ଭାବନା ନୂଆ ଆଶ୍ୱାସନା
ମନେ ଭରିଦିଅ ହରଷ
ଅତି ଶରଧାରେ ଡାକୁ ଆଗ୍ରହରେ
ଆସ ତୁମେ ନୂଆ ବରଷ ।
କରୋନାର ଭୟ କରିଲା ଅଥୟ
ଯାତନା ଦେଲା ଆଶେଷ
ଦୁଃଖ, କଷ୍ଟ ଯେତେ ଦୂର କର ସତେ
ଆସ ତୁମେ ନୂଆ ବରଷ ।

ଖୋଜୁଥିଲି ଯାହା ମିଳିଲାନି ତାହା
ରହିଗଲା ଅବସୋସ
ପୁଣି ନୂଆ ଆଶା ମନେ ବାନ୍ଧେ ବସା
ଆସ ତୁମେ ନୂଆ ବର୍ଷ ।
ତୁମ ଆଗମନ ହେଉ ସୁ-ଶୋଭନ
ଝରୁଥାଉ ସଦା ପୀୟୁଷ
ଏ ପୃଥିବୀବାସୀ ହେଉଥାନ୍ତୁ ଖୁସି
ଆସ ତୁମେ ନୂଆ ବରଷ ।

+ ପାଇକରାପୁର, ଭୁବନେଶ୍ୱର
(ମୋ)୮୮୯୫୧୯୦୪୭୫

### ଅଭିନନ୍ଦନ

**କାମିନୀଲତା ଧର**

ଭାଇନା ହେ ଭାଇନା ନୂତନ ବର୍ଷର
ଅଭିନନ୍ଦନ
ତୁମ ପାଦତଳେ ଭଉଣୀ ପ୍ରଣାମ କରୁଛି ରହି
ମୋ ଉପରେ ରାଗ ଅଭିମାନ କରିବ ନାହିଁ
ତୁମ ପାଖେ ଏତିକି ଅଳି କରୁଛି ମୁହିଁ
ଭାଉଜଙ୍କୁ ନେଇ ଶାନ୍ତିରେ କରିବ ଘର
ନୂଆବର୍ଷର ଭଉଣୀର ଅଳି ତୁମ ପାଖର
ପିଲାମାନଙ୍କୁ ମୋର ଆଶୀର୍ବାଦ ଦେବ
ନୂଆବର୍ଷରେ ସୁଖରେ ତୁମର ଦିନ କଟିବ
ଏତିକି କହି ମୁଁ ରହୁଛି ସେଇ
ମୋର କଥା କେବେ ଭୁଲିବ ନାହିଁ ।
ମୋ ସ୍ୱାମୀର ଗୋଡ଼ ଭାଙ୍ଗି ଯାଇଛି
ପୁଅ ମୋଅର
ଅପରେସନ ହୋଇ କଷ୍ଟ ଭୋଗୁଛି
ଜଗନ୍ନାଥଙ୍କର ତୁମ ଉପରେ ଆଶୀର୍ବାଦ ଥାଉ
ସୁଖରେ ତୁମର ଦିନ କଟିଯାଉ ।
ଧନଜନ ଅଳି ମୁଁ କରୁନାହିଁ
ସ୍ନେହ ମମତା ଟିକିଏ ମାଗୁଛି ମୁହିଁ

+ ବାଣପୁର, ନରସିଂହପୁର
ବାସୁଦେବପୁର, ଭଦ୍ରକ

## ନୂଆବର୍ଷ : କିଛି ସ୍ୱପ୍ନ କିଛି ସମ୍ଭାବନା



**ବିପିନ ବିହାରୀ ମହାନ୍ତି**

ଗତବର୍ଷ ପାଇଁ ତା' ପୂର୍ବବର୍ଷ ଶେଷ ଅବସରେ ଆମେ ବହୁ ସ୍ୱପ୍ନ ଦେଖିଥିଲୁ ଯେ ଅନ୍ତତଃ ଆଗାମୀ ବର୍ଷଟି ସୁଖ-ସମୃଦ୍ଧି ଓ ଶାନ୍ତିରେ କଟି ଯାଉ। ବ୍ୟକ୍ତିଗତ ଶୁଭ ମନାସିବା ସହିତ ବିଶ୍ୱର ମଂଗଳ ପାଇଁ ମଧ୍ୟ ବିଶ୍ୱନିୟନ୍ତାଙ୍କ ପାଖରେ ପ୍ରାର୍ଥନା କରିଥିଲୁ। କେହି ରୋଗରେ ଆକ୍ରାନ୍ତ ନ ହୁଅନ୍ତୁ; କେହି ଦୁଃଖ ନ ପାଆନ୍ତୁ; କାହାର ଅମଂଗଳ ନହେଉ; କେହି କାହାକୁ ପୀଡ଼ା ନଦେଉ; କାହାର ପେଟ ବା ପିଠରେ ଅଭାବ ନଥାଉ; ମୁଣ୍ଡ ଗୁଂଜିବା ପାଇଁ ସମସ୍ତଙ୍କର ବାସ ଖଣ୍ଡିଏ ଥାଉ; ନାରୀ କି ପୁରୁଷ କେହି ନିର୍ଯ୍ୟାତିତ ନହୁଅନ୍ତୁ; ଧର୍ଷଣ କଷଣ କି ସେହି କାରଣରୁ କାହାର କେହି ଶିକାର ନହୋଇ ପ୍ରାଣ ତ୍ୟାଗ ନକରୁ; ପ୍ରକୃତି କାହା ପାଇଁ ପ୍ରତିକୂଳ ନହେଉ; ଅବୟସରେ କାହାର ପ୍ରାଣ ନଯାଉ; ସମସ୍ତେ ପରିପୃକ୍ତ ଏବଂ ପରିପୂର୍ଣ୍ଣ ବୟସ ବଂଚି ସୁଖରେ ଯାଆନ୍ତୁ। ଏମିତି ଅନେକ ଆଶାରେ ଶାନ୍ତିର ପୃଥିବୀଟିଏ ପାଇଁ ଦୀପମାନ ଜାଳି ଥିଲୁ।

ଚାହୁଁ ଚାହୁଁ ଗତବର୍ଷଟି କଟିଗଲା। କ'ଣ ଆଶା କରିଥିଲେ, କ'ଣ ପାଇଲେ ଏବଂ କ'ଣ କ'ଣ ଘଟିଗଲା ସମଗ୍ର ବିଶ୍ୱରେ ? ଏହା ଆମ ସମସ୍ତଙ୍କର ଜଣାକଥା । ଗତ ୧୦ମାସ ଧରି ଭୟଭୀତ କରି ରଖିଛି ଭୂତାଣୁଜନିତ ସଂକ୍ରମଣ 'କରୋନା' । ବ୍ୟାପିଛି ବିଶ୍ୱର ୨୧୬ଟି ଦେଶ । ଏଯାବତ୍ ସମଗ୍ର ବିଶ୍ୱରେ ପାଖାପାଖି ୮ କୋଟି ଲୋକ ଏହି ଭୂତାଣୁ ଜନିତ କରୋନାରେ ଆକ୍ରାନ୍ତ ଥିବା ବେଳେ ସେମାନଙ୍କ ମଧ୍ୟରୁ ମୃତ୍ୟୁର ଶୀକାର ହୋଇଛନ୍ତି ପ୍ରାୟ ୧ କୋଟି ୭୫ ଲକ୍ଷ। ଆମ ଦେଶ ଭାରତ କଥା ବିଚାରିଲେ ଜଣାଯାଏ ଯେ ଏହାର ଆକ୍ରାନ୍ତ ସଂଖ୍ୟା ୧ କୋଟି ଟପି ସାରିଛି ଏବଂ ଏଥିରେ ଶୀକାର ହୋଇଥିବା ମାନଙ୍କର ସଂଖ୍ୟା ୧.୫ ଲକ୍ଷ ଅଟେ । ଆମ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ୨୭ ହଜାରରୁ ଢେର ଅଧିକ ଏବଂ ଏହାର କାରଣରୁ ମୃତ୍ୟୁବରଣ କରିଛନ୍ତି ପ୍ରାୟ ୧୮ ହଜାରରୁ ଊର୍ଦ୍ଧ୍ୱ । କରୋନା ଦାଉରୁ ବଂଚାଇରଖିବା ନିମନ୍ତେ ସମଗ୍ର ବିଶ୍ୱ ବିଶେଷ କରି ଆମ ଦେଶ ଓ ରାଜ୍ୟରେ ସରକାରୀ ସ୍ତରରେ ୨୨ ମାର୍ଚ୍ଚ ୨୦୨୦ରୁ ଯଥାକ୍ରମେ ଜନତା କର୍ଫ୍ୟୁ- ଲକ୍‌ଡାଉନ୍- ସଟ୍ ଡାଉନ୍ ଓ କଣ୍ଟେନ୍‌ମେଣ୍ଟ ଜୋନ୍ ଇତ୍ୟାଦି କାର୍ଯ୍ୟକାରୀ ହେଉଅଛି । ଅବଶ୍ୟ ଏହାର ପ୍ରକୋପ ଆମ ଦେଶରେ ଟିକେ କମିଛି ; ମାତ୍ର ଏହାର ଦୋହରା ଲହରୀ ଅନ୍ୟ ଦେଶମାନଙ୍କରେ ବହୁ ଗୁଣିତରେ ଦେଖାଗଲାଣି । ସରକାରଙ୍କ ନିର୍ଦ୍ଦେଶକ୍ରମେ ଆମେ ମୁଖା(ମାସ୍କ) ପିନ୍ଧୁଛୁ; ସାନିଟାଇଜର ଓ ସାବୁନ ବ୍ୟବହାର କରୁଛୁ; ସାମାଜିକ ଦୂରତା ବଜାଇ ରଖୁଛୁ । ଏସବୁ ସତ୍ୱେ ପୁଣି ଆମେ ଅମାନିଆ ହେଉଛୁ ଓ ବିପଦକୁ ଆବାହନ କରୁଛି । ନିଜେ ସଚେତନ ଓ ସତର୍କ ନରହିଲେ କରୋନା ଆମର ବ୍ୟକ୍ତିଗତ କ୍ଷତି ମାନେ, ମୃତ୍ୟୁ ମୁଖକୁ ଟାଣିନେବ । ଏଣୁ ଏହା ସତ୍ୟ ଯେ 'ଆଲୋ ସଖୀ ନିଜକୁ ବଂଚାଇ ନିଜେ ରଖ ।'

ଏଯାବତ୍ ଯାହାର ଯାହା ବ୍ୟକ୍ତିଗତ କ୍ଷତି ହୋଇଛି, ସେ କ'ଣ ତାକୁ ଭୁଲିପାରିବ ? ଏମିତି ବି କିଛି କ୍ଷତି ଅଛି ଯାହାକୁ ଭରଣା କରାଯାଇନପାରେ । ତେଣୁ ଏହା ସ୍ମୃତି ଓ ଆମ ଅତୀତ ହୋଇସାରିଛି ।

ଗଣଣୀକାର ହୋଇଥିବା ଶିଶୁମାନଙ୍କୁ ହରାଇବା ଦୁଃଖ କ'ଣ ଭୁଲିପାରିବେ ତାଙ୍କ ପିତାମାତା ବା ନିଜ ଲୋକମାନେ ନା ଏ ହୃଦ ବିଦାରକ ଦୃଶ୍ୟକୁ ଇତିହାସ କେବେ ଲିଭାଇପାରିବ ତା' ପୃଷ୍ଠାରୁ । ଏଇ ତ ଏକ ଆକଳନରୁ ଜଣାପଡିଛି ଆମ ଦେଶରେ ନିଖୋଜ ଶିଶୁମାନଙ୍କ ସଂଖ୍ୟା ପ୍ରାୟ ୨୭ ହଜାର ଏବଂ ସେଥିମଧ୍ୟରେ ଅଛନ୍ତି ଆମ ଓଡ଼ିଶାର ୫ ହଜାର । ଆଜିକାର ବଳାତ୍କାର, ଧର୍ଷଣ ଓ ହତ୍ୟାଜନିତ କୋଉ ନାଁ ବାଳିକା ବା ନାରୀର ବ୍ୟଥିତ କାହାଣୀ କେହି କ'ଣ କ୍ଷମା ଦେଇପାରିବେ ? କ୍ଷମା ଦେଇପାରିବା କି ନୟାଗଡ଼ରେ ପରୀ ପାଇଁ ହୋଇଥିବା ଅତ୍ୟାଚାର ଓ ହତ୍ୟା ପରେ ଦୁଷ୍କର୍ମ କାହାଣୀ ।

ଚିଟ୍‌ଫଣ୍ଡ ଓ ମହାଦୁର୍ନୀତିର କାହାଣୀରେ କାଙ୍ଗାଳ ହୋଇଯାଉଥିବା ମଣିଷମାନଙ୍କ କଥା ତହିଁକୁ ବଳାଏ ବେଶୀ । ଅଥଚ ସେପଟେ କଳାଧନ କେଳେଙ୍କାରୀରେ ବୁଡ଼ିଛି ଏ ଦେଶ ।

କରୋନା ଆମ ସଂପର୍କରେ ପ୍ରତିବନ୍ଧକ ଲଗାଇ ଦେଲା, ଶ୍ରମିକଙ୍କ ଦୁଃଖ ବଢ଼ାଇଲା, ସାମାଜିକ, ସାଂସ୍କୃତିକ, ବିବାହ,ଯାନିଯାତ୍ରା, ମନ୍ଦିର ପ୍ରବେଶ ଓ ସାଧାରଣ ସ୍ଥାନରେ ସମବେତ ହେବାକୁ ବନ୍ଦ କରିଦେଲା । ସବୁଥିରେ କଟକଣା ଲଗାଇବାକୁ ବାଧ୍ୟ ହେଲେ ସରକାର । ସେତିକି ହୋଇନଥିଲେ ଆମେ ପୋକମାଛ ପରି ମରିଥାନ୍ତେ । କିଏ କହିପାରିବ ଯେ ଯଦି ଏଥିପାଇଁ କୌଣସି ନିବାରକ ବା ପ୍ରତିଷେଧକ ନବାହାରେ, ତେବେ ପୃଥିବୀରୁ ମଣିଷ ଜାତି ଯେ କାହିଁକି ନିର୍ଶ୍ଚିହ୍ନ ହୋଇନଯିବ ? ଏଥିସହିତ ରାଜନୀତିରେ କନ୍ଦଳ, ଦଳବଦଳ, ଏମିତିରେ କେନ୍ଦ୍ର ବିରୁଦ୍ଧରେ କୃଷକମାନଙ୍କର ଯେଉଁ ଦୀର୍ଘ ଆନ୍ଦୋଳନ ଏବଂ ଆମ ରାଜ୍ୟରେ ସାରୁଅ ଠାରେ ଜମି ହଡ଼ପ ଇତ୍ୟାଦି ଅନେକ ଘଟଣା ସ୍ମରଣୀୟ ହୋଇରହିବ । ସମସ୍ୟା ଅନେକ । ସେଥିରେ ପୁଣି ନୂଆବର୍ଷ !

ଏଇତ ଆମ ବ୍ୟକ୍ତିଗତ କଥାକୁ ବାଦ୍ ଦେଲେ ଗତବର୍ଷ ମାନଙ୍କରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ: ଯଥା ଫଣୀ ଓ ଅମ୍ଫନ ପରି ବାତ୍ୟା, ବନ୍ୟା, ଅଂଶୁଘାତ....ଏମିତି ଯେତେ ଯେତେ ଅକାଳ ଚଢ଼କ ଓ ମଡ଼କ ମାଡ଼ି ଆସିଲେ ଏବଂ ଯାହା ଦେଲେ, ଯାହ ନେଲେ; ତାହା କ'ଣ ଅନୁଭବୀ ତା' ଜୀବଦଶାରେ ଭୁଲିଯିବ ? ଗୋଟିଏ ଧାଡ଼ିରେ ଶେଷ କରିବା ଏ ପର୍ଯ୍ୟାୟ: ଗତସ୍ୟଶୋଚନା ନାସ୍ତି ।

ଅତୀତରୁ ଅନୁଭବରୁ ବର୍ତ୍ତମାନରେ ଆମେ ଛିଡ଼ା ହୋଇ ଭବିଷ୍ୟତକୁ ହାତ ବଢ଼ାଇବା କଥା । ବୁଝୁଛୁ ଯେ ଭବିଷ୍ୟତ ଅନିଶ୍ଚିତ। ଆଶା ଫଳବତୀ ହୋଇନପାରେ; କିନ୍ତୁ ଏହାତ ସତ୍ୟ ଯେ ଆଶାନଥିଲେ ଜଣେ ବଂଚିବି ପାରିବନାହିଁ। ଏଣୁ କୁହାଯାଏ ଆଶା ହିଁ ବଂଚିବାର ଆଶା( Hope is hope for survival) ଏଣୁ ଆସନ୍ତୁ ବର୍ତ୍ତମାନରେ ହିଁ କର୍ମ କରି ଚାଲିବା। ଅତୀତ ଯାହା ଯାଇଛି ଏବଂ ଯାହା ଘଟିଛି; ତାହା ସତ୍ୟ । ତା'ଠୁ ଅଧିକ ସତ୍ୟ ହେଉଛି ଚଳତ୍ ବର୍ତ୍ତମାନ (କ୍ଷସଙ୍ଗସଭଶ କ୍ଟଣ୍ଟସ୍ୱରସ୍ୱରଭଶ୍ମ).କର୍ମ କରିବାହିଁ ନିଶ୍ଚିତ ସତ୍ୟ; କିନ୍ତୁ ଫଳ ଯେତେ ବେଳେ ଅନିଶ୍ଚିତ ଭବିଷ୍ୟତ ଉପରେ ନ୍ୟସ୍ତ, ଆସନ୍ତୁ ଫଳକୁ ଆଶା କରିବା ନାହିଁ। ଅନ୍ୟପକ୍ଷରେ କର୍ମ ଏକ ଯୋଗ। ଏ କର୍ମ ଯୋଗରେ ଏକ ସାତ୍ତ୍ୱିକ ଆନନ୍ଦ ଅଛି। ଅନ୍ତତଃ ନିଜକୁ ନିଜେ କର୍ମ କରିବାର ଆନନ୍ଦ ପାଇପାରିବା। ଏହା ଏକ ଆତ୍ମିକ ସୁଖ । ତା'ବି ସତ୍ୟ ଯେ କର୍ମହିଁ ଭାଗ୍ୟଲେଖେ; ଭାଗ୍ୟ କର୍ମ ଲେଖେ ନାହିଁ। ଏଣୁ ଶୋଇବା ସିଂହ ପାଇଁ ଶିକାର ନାହିଁ। ସେ ଉପାସ ରୁହେ । ଏହାକୁ କ'ଣ ଭାଗ୍ୟ କହିବା ?

ଏବେ ଆମେ ଏକ ସଂକୁଚିତ ପୃଥିବୀରେ ବାସ କରୁଥାଏ। ଜଗତୀକରଣ ପ୍ରକ୍ରିୟାରେ ଏହା ଏକ ପରିବାର । ଏବେ କୋଉ କଥା ଚିନ୍ତା କଲାବେଳେ, କୋଉ କର୍ମ କଲାବେଳେ, କୋଉ କଥା କହିଲା ବେଳେ, ଏହାକୁ ନିଜକଥା, ବିଶ୍ୱ କଥା ବା ନିଜର ପରିବାର କଥା ବୋଲି ଭାବ। ସେଥିରେ ସବୁରି ମଂଗଳ ହେବ। ପୁରୁଣା ବର୍ଷକୁ ବିଦାୟ ଦେଲାବେଳେ ଏବଂ ନୂଆବର୍ଷକୁ ସ୍ୱାଗତ ବେଳେ, (ଏବର୍ଷ କରୋନା ସକାଶେ ନଥିଲା ବେଳେ) କେତେ ବାଣ, ରୋଷଣୀ, ନାଚ, ଗୀତ, ଆମୋଦ, ପ୍ରମୋଦ ଓ ଭୋଜିଭାତ ଇତ୍ୟାଦିରେ କିଛି କଟାଇଥାଉ । ଏହା ଆମର ଏକ ଉନ୍ମାଦ ନିଶ୍ଚୟ। କାହିଁକିନା ଏହା କ୍ଷଣିକ ଯେହେତୁ ସବୁକିଛି ସୂର୍ଯ୍ୟଚନ୍ଦ୍ର ଉଇଁବା ଓ ବୁଡ଼ିବା ପରି ଗତାନୁଗତିକ; ଏମିତିକି ଦିନଟିଏ ନାହିଁ ଯୋଉଦିନ କା'ର ଜନ୍ମଦିନ କି କାର ମରଣ ନାହିଁ । ଏଇତ ଗଣନାରୁ ଜଣାଯାଇଛି ଯେ ଭାରତରେ ପ୍ରତି ଅଧଘଣ୍ଟାରେ କେହିଜଣେ ଧର୍ଷଣ ହୁଏ ବା ଏହି ଜିନିତ ତା'ର ମୃତ୍ୟୁ ହୁଏ। ନୂଆ ବର୍ଷ ପାଳନ ଅବସରରେ କିଏ କେଉଁଠି ଶିକାର ହୋଇ ଚାଲିଥାଏ। ଏହି ଶୀକାର ମଧ୍ୟରେ କନ୍ୟାସନ୍ତାନମାନେ ହୁଅନ୍ତି ବେଶି । ଏହା ବ୍ୟତୀତ ଆକସ୍ମିକତା ଏବଂ ଦୁର୍ଘଟଣା କଥା ଅଛି। ଏଣୁ ନୂଆବର୍ଷ କ'ଣ ଯେ? କେହି ଆନ୍ତର୍ଜାତିକ ସ୍ତରକୁ ବିଚାର କରି କହିପାରନ୍ତି: ଏହା ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିବସ ଠାରୁ ଆରମ୍ଭ ହେଉଥିବା ପରବର୍ତ୍ତୀ ବର୍ଷ; ସୂର୍ଯ୍ୟ ଗଣନା ଅନୁସାରେ ନୂଆବର୍ଷର ଆରମ୍ଭ ହେଉଛି ମହାବିଷୁବ ସଂକ୍ରାନ୍ତି ଦିବସରୁ; ରାଶିଚକ୍ର ଅନୁସାରେ ମଗୁଶୀର ମାସ ଆଦ୍ୟଦିବସରୁ ଏହାର ଆରମ୍ଭ; ଆଉ କାହା ପାଇଁ ପୃଥିବୀର ଆଦ୍ୟଦିବସ ହିଁ ନୂଆ ବର୍ଷର ଆରମ୍ଭ ଦିନ . . . . .ଇତ୍ୟାଦି । ଦେଶ ଭେଦରେ ମଧ୍ୟ ଭିନ୍ନ ଭିନ୍ନ ନୂଆ ଦିବସ ପାଳିତ ହୁଏ।

ତଥାପି ଏ ଦିବସ ଗୁଡିକ ପାଳିବାର ଯଥାର୍ଥତତା ଅଛି। ଏହା ସାମଗ୍ରିକ ଭାବେ ପରସ୍ପର ଓ ସମୂହର ଶୁଭ ମନାସିବାର ଏକ ମୁହୂର୍ତ୍ତ; ଶାନ୍ତି ପାଇଁ ହାତ ପ୍ରସାରଣ କରିବାର ଏକ ଅବସର । ଏ ବିଶ୍ୱ ଓ ତା' ପରିବେଶ ; ଏ ମଣିଷ ଏବଂ ତ'। ଜାତି ; ଏ ପୃଥିବୀ ଏବଂ ତା' ଅନ୍ତେବାସୀ ତଥା ପ୍ରକୃତିକୁ ସଂରକ୍ଷଣ ଓ ବଂଚାଇବା ହିଁ ହେଉ ଏହାର ଅନୁଚିନ୍ତା। କାରଣ ପ୍ରକୃତି ବଂଚିଲେ ଆମେ ବଂଚିବା। କାହାକୁ ଦୁଃଖ ଦେଇ ଜଣେ ସୁଖ କିଣିବା କିମ୍ବା ଅନ୍ୟର କବର ଉପରେ ଛିଡ଼ା ହୋଇ ନିଜ ସ୍ତ୍ରୀ ପାଇଁ ତାଜ ମହଲ ତୋଳିବା ନିହାତି ଅସମ୍ଭବ। ସମ୍ଭବ ଏହି ଯେ ସମସ୍ତେ ସମଅଧିକାରରେ ବଂଚନ୍ତୁ; ପ୍ରାକୃତିକ ସନ୍ତୁଳନ ରକ୍ଷା କରନ୍ତୁ ଏବଂ ଏଥିପାଇଁ ସମସ୍ତେ ଖାଲି ଚିନ୍ତା ନକରନ୍ତୁ; ଅନ୍ତତଃ ଏହାକୁ କାର୍ଯ୍ୟକାରି କରନ୍ତୁ।

ସର୍ବେଭବନ୍ତୁଃ ସୁଖୀନଃ ।।

ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

## ବାଟଓଷା



**ବିଦ୍ୟୁତଲତା ପଣ୍ଡା**

ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳ ମାନଙ୍କରେ ମୃତ୍ୟୁର ଦେବତା ଯମରାଜଙ୍କୁ ଉପାସନା କରାଯିବାର ଓଷାକୁ ବାଟଓଷା କୁହାଯାଏ । ମୃତ୍ୟୁଦେବତା ଯମଙ୍କ ନିକଟକୁ ନିଶ୍ଚୟ ସମସ୍ତଙ୍କୁ ଯିବାକୁ ପଡିବ ଏବଂ ନିଜର କର୍ମାନୁସାର ଦଣ୍ଡ ଭୋଗ କରିବାକୁ ପଡିବ । ଏଣୁ ଯମରାଜଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହି ଓଷାର ପ୍ରଚଳନ। ଭଗବାନ ବିଷ୍ଣୁଙ୍କ ଭକ୍ତଗଣଙ୍କୁ ଯମରାଜ ଦୟାର ଭାବ ରଖୁଥିବାରୁ ବିଷ୍ଣୁଙ୍କ ପରାମର୍ଶ କ୍ରମେ ଉକ୍ତ ଓଷାର ଆରମ୍ଭ ହୋଇଛି ବୋଲି ଓଷାର କଥାକାର ଗୋପୀନାଥ ଦାସ ଓଷାକଥାରେ ବର୍ଣ୍ଣନା କରିଛନ୍ତି ।

ଏହି ଓଷା ମାଘମାସ କୃଷ୍ଣପକ୍ଷରେ ଅନୁଷ୍ଠିତ ହେବା ବିଧି । ପଣ୍ଡୁପୂର୍ଣ୍ଣମୀ ଯିବାର ୩ୟ, ୭ମ କିମ୍ବା ୯ମ ଦିନରେ ଉକ୍ତ ଓଷା ପାଳିତ ହୋଇଥାଏ । ଓଷାକଥାରେ ପ୍ରାରମ୍ଭିକ ସୂଚନାରେ ପାଟଳୀପୁତ୍ରରେ ବାସ କରୁଥିବା ଦରିଦ୍ର ବ୍ରାହ୍ମଣର ବାଟଓଷା ପ୍ରତି ଥିବା ଅନୁରକ୍ତି ଏବଂ ଭଗବାନଙ୍କ ସ୍ୱପ୍ନକଥାକୁ ଅବତାରଣା କରାଯାଇଛି । ବ୍ରାହ୍ମଣର ସାତପୁଅ ଥିଲେ ହେଁ ସମସ୍ତେ ମୃତ୍ୟୁବରଣ କରିଥିବାରୁ ମର୍ମାହତ ବ୍ରାହ୍ମଣ ଭଗବାନଙ୍କୁ ଡାକିବାରୁ ସ୍ୱପ୍ନରେ ଭଗବାନ ବାଟଓଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ରାହ୍ମଣର ନିଦ୍ରା ଭାଙ୍ଗିଯିବାରୁ ସେ ସ୍ତ୍ରୀକୁ ସ୍ୱପ୍ନବୃତ୍ତାନ୍ତ କହିଲା ଏବଂ ବ୍ରତର ବିଧି ଜଣାଇଦେଲା । ବ୍ରାହ୍ମଣ ଓଷା ସାମଗ୍ରୀ ଆଖୁ, କଦଳୀ, ମୂଳା, ଚନ୍ଦନ, ସିନ୍ଦୁର, କଜ୍ଜ୍ୱଳ, ଝୁଣା, ଗୁଳଗୁଳ, ଫୁଲମାଳ ସବସଂଗ୍ରହ କରି ଚୂନାକୁଟି ପିଠାପଣା ପ୍ରସ୍ତୁତ କରି, ପୂଜାସ୍ଥାନ ଲିପାପୋଛାକରି ଚାଙ୍ଗୁଡାରେ ଓଷାଦ୍ରବ୍ୟ ଓ ବଜ୍ରମୂଳୀ ଆଦି ସ୍ଥାପନ କରି ଓଷା କରିବାକୁ ବ୍ରାହ୍ମଣୀ ପୁନଶ୍ଚ ପୁତ୍ର ସନ୍ତାନର ଜନନୀ ହେଲା । ୨ୟ କଥାନୁସାରେ କୋଶଳ ଦେଶର ରାଜା ସୁଦର୍ଶନ ଓ ରାଣୀ ଲୀଳାବତୀଙ୍କର କୌଣସିଥିରେ ଅଭାବ ନଥିଲେ ମଧ ସନ୍ତାନଟିଏ ନଥିବାରୁ ମନଦୁଃଖରେ ସମୟ କାଟୁଥିଲେ । ଏ ବିଷୟରେ ଥରେ ସେ ସଭାରେ ଉପସ୍ଥିତ ପଣ୍ଡିତମାନଙ୍କୁ ପଚାରିବାରୁ ପଣ୍ଡିତମାନେ ଭାଗ୍ୟ ଗଣନା କରିବା ଆରମ୍ଭ କରିଦେଲେ । ଠିକ ଏହି ଦିନ ବାଟଓଷା କରିବାର ଦିନ । ସେହିସମୟରେ ଓଷେଇତୀମାନେ କରୁଥିବା ଓଷାରୁ ହୁଳହୁଳି ଧ୍ୱନି ଶୁଣାଗଲା । ଦାସୀମାନେ ଯାଇ ଓଷାକଥା ଓ ବିଧି ବୁଝିଆସି ରାଣୀଙ୍କୁ କହିବାରୁ ରାଣୀ ଓଷା କରିବାକୁ ମାନସିକ କଲା। ଫଳରେ ପରେପରେ ତାଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା। ପିଲାଟିର ଆଗମନରେ ସମସ୍ତେ ଖୁସିହେବା ସହିତ ରାଜ୍ୟକୁ ଆଲୋକମାଳାରେ ସଜ୍ଜିତ କରାଯାଇ ଉତ୍ସବରେ ମାତିଗଲେ । ପିଲାଟିର ଜାତକର୍ମ ସମାପନା ହେଲା ଓ ନାମ ରଖାଗଲା ବୀରସେନ । ବୀରସେନ ଚନ୍ଦ୍ରମାର ବୃଦ୍ଧି ସହିତ ତାଳଦେଇ ବଢିଚାଲିଲା । ସମୟ ଆଗକୁ ଗଡିଚାଲି ପିଲାଟିକୁ ସାତବର୍ଷ ହେଲା। ହେଲେ ଓଷାକଥା ସମସ୍ତେ ଭୁଲିଗଲେ । ଏଣୁ ଯମରାଜା କ୍ରୋଧିତ ହୋଇ ଚାଟଶାଳୀରୁ ବୀରସେନକୁ ଉଠାଇ ଆଣି ଯମପୁରରେ ଚର୍ମଦଉଡି ବାନ୍ଧି ରଖିଲେ ଏବଂ ତାର ମାଂସକୁ ଦୂତମାନଙ୍କୁ ଖୁଆଇବେ ବୋଲି ଚିନ୍ତା କରୁଛନ୍ତି ବୋଲି ନିଜ ମା'ଙ୍କୁ କହିଦେଲେ । ଯମଙ୍କ ମାଙ୍କର ବୀରସେନକୁ ଦେଖିଲାପରେ ଦୟା ଜାତେହେଲା । ଏଣୁ ତାକୁ ବଞ୍ଚାଇବାର ପ୍ରୟାସ ସେ ଆରମ୍ଭ କରିଦେଲେ । ଏଣୁ ସେ ପିଲାଟିକୁ ଗୋଟାଏ କାଠି ଧରାଇ ଦେଇ କହିଲେ ଯମ ଯାଇଛି ଗାଧୋଇବା ପାଇଁ ଯେତେବେଳେ ସେ ସ୍ନାନସାରି ପୂଜା କରୁଥିବା ତୁ କାଠି ପୂରାଇ ଛିଙ୍କିବୁ । ଏହାପରେ ସେ ଯାଇ କଦଳୀ ଆଣିଲେ । ଦଶଫେଣିଆ କଦଳୀ କାନ୍ଧିରୁ ନଆଣି ଦୁଇଫେଣିଆ କାନ୍ଧିରୁ କଦଳୀ ଆଣିବାରୁ ଯମ ପ୍ରଶ୍ନକରିବାରୁ ମା କହିଲେ ଦଶଫେଣିଆ ପାଖକୁ ହାତ ଗଲା ନାହିଁ । ଯମ ମଧ କହିଲେ ଯାହାର ଅଧିକ ସନ୍ତତି ସେଠାକୁ ମୋର ମଧ ହାତ ଯାଏନାହିଁ ।

ଏହାପରେ ସେ ପୂଜା କରୁଥିବା ସମୟରେ ବୀରସେନ ନାକରେ କାଠି ପୂରାଇ ଛିଙ୍କିଦେବାରୁ ମା ତତ୍‌କ୍ଷଣାତ୍ ଅଜାମର ହୋଇଥା ବୋଲି କହିଦେଲେ ଫଳରେ ମା'ଙ୍କ କଥାକୁ ସମ୍ମାନ ଦେଇ ପିଲାଟିକୁ ଛାଡ଼ିଦେବାକୁ ତାଙ୍କ ନବରକୁ ଆସୁଥିବା ବାଟରେ ବୁଝାଇଲେ କିପରି ତା ପିତାମାତା ଓଷା କରିବେ କହି ଓଷା କରିନାହାନ୍ତି । ଏଣୁ ଯମଙ୍କୁ ଅବଜ୍ଞା କଲେ କାହାରି ନିସ୍ତାର ନାହିଁ ତାଙ୍କୁ ବୁଝାଇଦେବ । ପିଲାଟିକୁ ଯମ ବାଡିପଟେ ଛାଡିଦେଇ ଅପେକ୍ଷା କଲେ। ପିଲାଟି ମା' ମା' ଡାକିବାରୁ ଦାସୀମାନେ ଧାଇଁ ଆସିଲେ । ତିନିଦିନ ହେଲା ପିଲାଟିକୁ ନପାଇ ପିତାମାତା ବିଛଣା ଧରିଯାଇଥିଲେ ଏବେ ପିଲାଟିକୁ ପାଇ ତାଙ୍କ ପିଣ୍ଡରେ ଜୀବନ ପଶିବା ସହ ସ୍ୱୟଂ ଯମ ଆଣି ପିଲାଟିକୁ ଛାଡିଥିବାରୁ ସେମାନେ ନିଜର ଭୁଲ ବୁଝିପାରି ଅନୁତାପ କରିବା ସହ ନବମ ଦିନରେ ବାଟଓଷା କଲେ ।

ଏ ଓଷାକଲେ ସମସ୍ତ ପ୍ରକାର ଦୁଃଖ ଦୂର ହୁଏ ବୋଲି ଓଷାକଥାରେ ବର୍ଣ୍ଣିତ ହୋଇଛି ।

କପ୍ତିପଦା,ମୟୂରଭଞ୍ଜ
ମୋ.୯୯୩୮୧୨୨୮୨୬

### ସମୟର ରାସ

**ପ୍ରଶାନ୍ତ କୁମାର ରାଉଳ**

ନୂଆ ବରଷ ଆସ
ବାଆ ବହି ଗଲା ବହି ଗଲା ଦିନ
ଦିନ ମିଶି ମିଶି ମାସ
ମାସ ମାସ ମିଶି ହୋଇଲା ବରଷ
ଚାଲେ ସମୟର ରାସ,
ନୂଆ ବରଷ ହେ ଆସ ।

ରଥ ଗଡି ଗଲା ଚକ ଗଡି ଗଲା
ଅଖ ବୁଲି ଗଲା ଯେବେ
ଦୁଇହଜାର କୋଡିଏ ଖେଳ ସରିଗଲା
ଏକୋଇଶ ଆସିଲା ତେବେ ।
ଠନ୍ ଠନ୍ କହିଲା ଘଣ୍ଟା
'ଖବରଦାର୍ ହୁସିଆର',
କାମ କରି ଯାଅ ଅପେକ୍ଷା କରେନା
କା'ରେ ସମୟ ଜୁଆର ।

ବାଆ ବହିଗଲା ବହିଗଲା ଦିନ
ତଳ ବରଡ଼ା ଖସିଲା
ଛନ ଛନ ଛନ ଉପର ବରଡ଼ା
ଗଛରେ ରହି ହସିଲା ।
ଝୁମ୍ ଝୁମ୍ ଝୁମ୍ ପାଦେ ଛୁମ୍ ଛୁମ୍
କୋଡିଏ ତ ଗଲା ନାଚି
ଭଲ କାମ କରି ରଖି ଗଲା ଯଶ
ବିଶ୍ୱ ଲାଗି ଗଲା ସଂଚି ।

ଫୁଲର ମହକେ ନିଦାଘ ଡହକେ
ଢୁ ଢୁ ବରଷାରେ
କେତେ ମହକିଲା, କରୋନା ଦହିଲା
କେ ପ୍ରକାଶିବ ଭାଷାରେ ।

ଆଜି ଯାହା ନୂଆ କାଲିକି ପୁରୁଣା
ନୂଆ ପୁରୁଣା ମିଶାଇ
ଗଢ଼ି ଦେବା ଆମେ ଏ ଜାତିର ରଥ
ହାତକୁ ହାତ ମିଳାଇ ।

ସବୁ କାମେ ଆମେ ପ୍ରଭୁଙ୍କୁ ସୁମରି
ଆଗେଇବା ଜାତି ରଥ
କୁସୁମିତ ହେବ ଆମ ଚଲା ପଥ
ନେବାଟି ନୂଆ ଶପଥ ।

ନିଜ ପରି ମୁହିଁ ଦେଖିବି ସଭିଙ୍କୁ
ମୋ ଦେଶ ଭାରତ ମହାନ
ସଭିଙ୍କ ହିତରେ ହିତ ହେବ ମୋର
ସେବାରେ ତୋଷିବି ପରାଣ ।

+ ଜଳେଶ୍ୱର, ବାଲେଶ୍ୱର
ମୋ:- ୮୧୪୪୮୬୪୫୮୪

## କବିତା

### ନୂଆ ବରଷରେ ଶପଥ କର !

**ହରେରାମ ପଣ୍ଡା**



ନୂଆ ବରଷରେ କଥାଟେ କହୁଛି
ଶୁଣ ପିଲାମାନେ ମନ ଦେଇକି,
ମନ୍ଦକାମ ଛାଡ଼ି ଭଲକାମ କର
ଜୀବନରେ ବଡ଼ ହେବା ପାଇଁକି ।
ପିତାମାତା ଗୁରୁଜନଙ୍କ ବଚନ
ଦିଅଁଙ୍କ ଆଦେଶ ବୋଲି ଜାଣିବ,
ତାଙ୍କ କଥା ମାନି କାମ କରିଗଲେ
ନିଶ୍ଚୟ ଜୀବନେ ସଫଳ ହେବ ।
ପାଠ ବେଳେ ପାଠ, ଖେଳ ବେଳେ ଖେଳ
ଏକଥା ମନରୁ ଭୁଲିବ ନାହିଁ,
କଟୁକଥା କହି କାହା ମନେ କେବେ
ଦୁଃଖ କି ବେଦନା ଭରିବ ନାହିଁ ।
"ମାନବର ସେବା- ମାଧବର ସେବା"
ବୋଲି ଆଜିଠାରୁ ମନେ ରଖିବ,
ଦୁଃଖୀରଙ୍କଙ୍କର ସହାୟତା କରି
ପରମ ଆନନ୍ଦ ନିଶ୍ଚେ ପାଇବ ।
ପରିବେଶ ସଦା ସୁତୁରା ରଖିବ
ଲଗାଇବ ଗଛ ନିଜ ବାଡ଼ିରେ,
ସତ୍ୟ କହି ପର ମନକୁ ଜିଣିବ
କଳି କରିବନି କାହା ସାଥିରେ ।
ଦେଶ, ଜାତି ଆଉ ଭାଷାରେ ଉନ୍ନତି
ପାଇଁ କିଛି କାମ ଆଜିଠୁଁ କର,
ଜାତି ଧର୍ମ ଭୁଲି ଏକ ସାଥେ ମିଳି
ନୂଆ ବରଷରେ ଶପଥ କର ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, କୁଆଁସ,
ମେର୍ଦ୍ଧା କାଟିଆଛକ, ଯାଜପୁର
(ମୋ) ୯୪୩୮୦୬୫୧୯୫

### ଡାଏରୀରେ ସାଏରୀ

**ଡିସମ୍ବର ମେହେର**



ସକାଳୁ ଦେଖୁଥିଲି ଡାଏରୀ
ଡାଏରୀରେ ଥିଲା ଗୋଟେ ସାଏରୀ
ସାଏରୀ ପାଖେ ଥିଲା ଗୋଲାପ
ଗୋଲାପକୁ ଦେଖି ହସି ଦେଲି ଅଳପ ।
ଅଳପ ଦେଖାରେ ଆରମ୍ଭ ପ୍ରେମର ଗଳପ
ଗଳପରେ ଆଙ୍କିଛି ମୁଁ ତୁମରି ରୂପ
ରୂପ ଦେଖି ଚମକି ଉଠିଲା ଛାତି
ଛାତିରେ ଭରି ଦେଲ ପ୍ରେମର ପିରତି
ପିରତି ରଙ୍ଗରେ ହୃଦୟ ଭାସୁଛି
ଭାସି ଭାସି ଆଜି ସାଏରୀ ପଢୁଛି ।

+ ଗଣ୍ଡାବାହାଲି,ନୂଆପଡା

### ନୂଆ ବରର୍ଷ

**ଡଃ ମାଙ୍ଗଳିକା ମହାପାତ୍ର**



ନୂଆ ବରଷର ଶୀତ ସକାଳ
ଆସିଛି ନେଇ ଜୀବନରେ
ନୂତନ ସମ୍ଭାବନା..
ଭାବି ଭାବି ସେ ସପନକୁ
ପୁରା କରିବାକୁ ଏଇ ମନ
ହୁଏ ଯେ ଆନମନା..
ବରଷକ ବାର ମାସର
ଆରମ୍ଭ ଏ ନୂଆ ବରଷ
ଆପଣେଇବାକୁ ତାକୁ
ମନେ ଭରି ହରଷ..
ଦୁଃଖ କଷ୍ଟକୁ ଭୁଲି ଯାଇ
ପୁରୁଣା ବରଷର...
ଭରିବା ସୁଖ ସମୃଦ୍ଧି
ନୂତନ କଳ୍ପନାର...

କରୋନା ମହାମାରୀର ବିପଦ
ଦେଲା ଯେ ପରିବାରର ସମ୍ପଦ
ଛାଡ଼ି ମନୁ ସବୁ ଭେଦଭାବ
ଭଲପାଇବାକୁ କରିବା ଅନୁଭବ
ସ୍ନେହ ପ୍ରେମରେ ଭରୁ
ସଦା ଏଇ ଜୀବନ...
ବନ୍ଧୁ ପରିବାର ସହିତ
ହସୁ ଏଇ ମନ...

+ ପ୍ଲଟ ନଂ ୩୫୩, ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳୟ

## ସୁସ୍ୱାଗତମ୍ ନବବର୍ଷ



ଠ ସୁଷମା ପରିଜା

ଘନ କୁହୁଡିର ଓଢ଼ଣା ଭେଦ କରି
ଶୁଭି ଯାଉଛି ଇଏ କାହାର ପାଦଶବ୍ଦ,
ଗତାୟୁ ଶିଥିଳ ପୁରୁଣା ବର୍ଷର ନା'
ଅପେକ୍ଷମାଣ ଆଗାମୀ ନବବର୍ଷର ?

ପ୍ରବଳ କୁଜ୍ ଝଟିକାରେ ଆଚ୍ଛନ୍ନ ମୁଁ
ବିଗତ ବର୍ଷର ଭୟଙ୍କର ଦୁର୍ଘଟଣା ସବୁ
ନିସ୍ତବ୍ଧ କରି ଦେଇଛି ମୋର ପ୍ରତ୍ୟେକ ସ୍ନାୟୁକୁ
ଅଦୃଶ୍ୟ ବିଦେଶୀ ଶତ୍ରୁର ଭୟାନକ ପଞ୍ଝା
କବଳିତ କରି ନେଇଛି କୋଟି କୋଟି ପ୍ରାଣ
ପୋଛି ଦେଇଛି କାହା ମଥାର ସିନ୍ଦୂର ତ
କାହା କୋଳରୁ ବାତ୍ସଲ୍ୟ, କାହାଠାରୁ ମା' କୋଳ,
ବୁଢ଼ା ବାପଠାରୁ ଭେଣ୍ଡା ପୁଅ, ବୁଢ଼ୀ ମା'ର ଆଶ୍ରାବାଡି ॥

ମଣିଷ ପଣିଆ ହାର ମାନିଛି ପଶୁପ୍ରବୃତ୍ତି ପାଖରେ
ଗ୍ରାସ କରି ଯାଇଛି ପ୍ରିୟଙ୍କା ଠାରୁ ପରୀ ଯାଏଁ
ସଂପତ୍ତି ଲୋଭରେ ବୁଢ଼ୀ ମାଆକୁ ହତ୍ୟା
ପୁଅର କୁରାଢ଼ୀ ଚୋଟରେ ବାପାର ମୃତ୍ୟୁ,
ଅନର୍ କିଲିଂ ନାଁରେ ଭାଇର ଭଗ୍ନୀ ହତ୍ୟା,
ସବୁ ନିସ୍ତେଜ କରି ଦେଇଛି ମୋତେ,
ଆହୁରି ମର୍ମାହତ କରିଛି ପ୍ରକୃତି ମାଆର ବିପ୍ଳାତ,
ଅମ୍ପାନ ଠାରୁ ନିଃସର୍ଗ, ହାରିକେନ୍, ସୁନାମୀରୁ ଭୂମିକମ୍ପ,
ବନ୍ୟାର ନିଷ୍ଠୁର ସ୍ରୋତ ଉଜାଡିଛି କେତେ ଭାତହାଣ୍ଡି
କେବେ ବସ୍ ନଦୀ ଭିତରକୁ ଖସିଛି ତ କେବେ ଟ୍ରେନ୍ ଲାଇନ୍‌ରୁ,
ଅକାଳରେ ଝଡି ପଡ଼ିଛି ଅସଂଖ୍ୟ ନିରୀହ ଜୀବନ,
ଘୃଣ୍ୟ ରାଜନୀତିର ପଶାପାଲିରେ ଶକୁନି ହସିଛି
ବିଶ୍ୱାସଘାତର ଖେଳରେ ଦୂରେଇ ଯାଇଛି
ଭାଇ ପାଖରୁ ଭାଇ, ପ୍ରେମିକା ପାଇଁ ସ୍ତ୍ରୀ ହନ୍ତା ହୋଇଛି ସ୍ୱାମୀ,
ମାନବତ୍ୱର କି ଚରମ ସ୍ଖଳନ ଦେଖାଇଛି ବିଦୟୀ ବର୍ଷଟି !
ଆତ୍ମା ବିଳପି ଉଠୁଛି, ମନ ଚାହିଁଛି ଶୀଘ୍ର ସରି ଯାଉ ଏ ବର୍ଷ
ଲୁଚି ଯାଉ କଳଙ୍କିତ ଅଧ୍ୟାୟ ସବୁ ବିସ୍ମୃତିର ଗର୍ଭରେ ॥

ଲକ୍ଷ ଲକ୍ଷ ନୂଆ ସମ୍ଭାବନା ନେଇ ନୂଆବର୍ଷ ଆସୁ,
ନବବର୍ଷର ନୂତନ ସୂର୍ଯ୍ୟ ଉଦୟ ହେଉ, ଅନେକ
ନୂଆ ଉଦ୍ଦୀପନା ନେଇ, ଜାଗି ଉଠୁ ମାନବତ୍ୱ,
ସଞ୍ଚରି ଯାଉ ଭ୍ରାତୃଭାବ, ଶାନ୍ତି, ମୈତ୍ରୀ, ଦୟା
ବିନାଶ ହେଉ ଅସୁମାରୀ ମନୋବୃତ୍ତିର ବିଦ୍ୱେଷ,
ପ୍ରକୃତିର କରୁଣାମୟୀ ଦୃଷ୍ଟି ବିରାଜମାନ ରହୁ,
ଧରିତ୍ରୀ ହେଉ ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା,
ନାରୀ ହେଉ ପୂଜ୍ୟା, ସ୍ନେହଶୀଳା, ବନ୍ଦନୀୟା ॥

ଆସ ହେ ନୂତନ ବର୍ଷ ! ସୁସ୍ୱାଗତ କରୁଛି ତୁମକୁ
ତୁମର ସେ କାଉଁରି ପରଶରେ ନବଜନ୍ମ ହେଉ
ଆମ ସମସ୍ତଙ୍କର ସ୍ୱପ୍ନର "ସୁନାର ଭାରତ" ॥

+ ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ
ମୋ: ୯୩୩୭୨୭୨୬୪୭

## ନୂଆ ବରଷ

ସ୍ନିଗ୍ଧା ସାମନ୍ତରାୟ



ପୃଥିବୀ ପୃଷ୍ଠରେ ଭାରି କୋଳାହଳ
ସଭିଙ୍କ ମନ ହରଷ
ଅଭିଶପ୍ତ କୋଡିଏ ପରିସମାପ୍ତ
ଗୃହ ବନ୍ଦୀ ଦିନ ଶେଷ ।

ଅଭିନନ୍ଦନ ହେ ନୂତନ ବରଷ
ନବୀନ ସମ୍ଭାର ଧରା
ଅରୁଣ ଦର୍ଶନେ ସଭିଏଁ ମଗନେ
ଆଶିଷ ଲଭିବେ ପରା ।

ଏକୋଇଶି ଆଣିଛି ନୂଆ ସନ୍ଦେଶ
ସ୍ୱାଗତ ମରତ ବାସୀ
ପ୍ରଭୁଙ୍କ ପାଶରେ ସଭିଙ୍କ ପ୍ରାର୍ଥନା
ଆଶିଷ ଦିଅ ବରଷି ।

ବିଶ୍ୱ ମାନଚିତ୍ରରୁ ଭୂତାଣୁ ଯାଉ
ନରହୁ ବିଷାଦ ଛାୟା
ପିତା ଓ ପୁତ୍ର ଆଲିଙ୍ଗନ ହୋଇବେ
ନିଶ୍ଚିହ୍ନ ଭୂତାଣୁ କାୟା ।

ସୁଜଳା ସୁଫଳା ହେଉ ଆମ ରାଷ୍ଟ୍ର
ମାନବୀୟ ଗୁଣ ବହି
କପଟ ଦୁର୍ନୀତି ନରହୁ ମୋ ଦେଶେ
ସଭିଏଁ ସଚ୍ଚୋଟେ ରହି ।

ନୂଆ ବରଷଟି ସଜେଇ ହେଲାଣି
ପିନ୍ଧିଛି ଶାନ୍ତିର ପାଟ
ରାତି ବାରଟାରେ ସର୍ବେ ମତୁଆଲା
ସୁଶୋଭିତ ତାର ଥାଟ ।

ଦୁଃଖର କଷଣ ହେଉ ଦୂରୀଭୂତ
ଭରଇ ଆଶା ବିଶ୍ୱାସ
ଆସ ଆସ ଆସ ନୂତନ ବରଷ
ଲୋପ ହେଉ ହିଂସା ଦ୍ୱେଷ ।

ହେ ନବ ବରଷ ତୁମ ଆଗମନେ
ଝରୁ ଶାନ୍ତି ଫଗୁ ଧାର
ଧୋଇ ଚାଲିଯାଉ ଦୂଷିତ ସମାଜୁ
ଶିଶୁ ମୃତ୍ୟୁ ଅତ୍ୟାଚାର ।

ମୋ ଦେଶ ସଂସ୍କୃତି କଳା ଗନ୍ତାଘର
ବିଦେଶେ ବଢ଼ୁ ଆଦର
ରାମ ରାଜ୍ୟ ସ୍ୱପ୍ନ ହେଉ ସଫଳିତ
ସଂକଳ୍ପ ନବ ବର୍ଷର ।

କୁସଂସ୍କାର ନରହୁ ପ୍ରତି ଭୁବନେ
ସର୍ବେ କରିବା ପ୍ରାର୍ଥନା
ପରିବେଶ, ନାରୀ ସୁରକ୍ଷାରେ ଧ୍ୟାନ
ନବ ପ୍ରଭାତେ ଭାବନା ।

ଏତିକି ମିନତି ମହାପ୍ରଭୁ ପାଶେ
ସ୍ନେହ ଶ୍ରଦ୍ଧା ଭର ପ୍ରାଣେ
ଭାଇଚାରା ପ୍ରୀତି ସଞ୍ଚାରିତ ହେଉ
ଆଶିଷ ଭିକ୍ଷା ଜୀବନେ ।

+ ଚୁନଭାଟି, ଗୋପାଳ ଗାଁ,
ବାଲେଶ୍ୱର

## ନବବର୍ଷ

### ଜୟନ୍ତି ବିଶ୍ୱାଳ ବେହୁରିଆ



ନବ ବର୍ଷ ଆସେ
ଗର୍ଭାଳସୀ ଜହ୍ନ ଏବଂ
ଆୟୁଷ୍ମତୀ ତାରାଙ୍କ ମେଳରେ
ଯେତେସବୁ ପ୍ରିୟ ମୋର
ପରିଚିତ ଶବ୍ଦଙ୍କୁ ଲୁଚାଏ,
ଶୀତ ରାତି ପକ୍ଷୀର ଡେଣାରେ ।

ଅନ୍ଧଗଳି'ର ସମ୍ମୋହନ
ସୁନା ମୃଗର ଆକର୍ଷଣ
ସାଗର ଲଙ୍ଘିବାର ପ୍ରୟାସ
ପବନ ଧରିବା'ର ପ୍ରଚେଷ୍ଟା
ସର୍ବଶେଷ ପ୍ରଗଳଭତା ଟିକକ ବି
ଫୁଟପାଥ୍‌ରୁ ଚକୋଲେଟ୍ ଜରି
ଆଉ ଭଙ୍ଗାଟିଣ ସାଉଁଟୁଥିବା
ବାଳକର ସ୍ୱପ୍ନ ପରି,
ନିରବରେ ଶୋଇଯାଏ,
ଆଲୁଅକୁ ପିଠି କରି,
ଫୁଙ୍ଗୁଳା ଦେହରେ
ନିଃସର୍ତ୍ତ ମୁଦ୍ରାରେ ।

+ କୃଷ୍ଣନଗର, ବାଲିଆ, ବାଲେଶ୍ୱର

## ବିଦାୟ-୨୦୨୦

### ପବିତ୍ର ମୋହନ ବାରିକ

ନେଲ ସବୁ ସୁଖ ଦେଲ ଏତେ ଦୁଃଖ
ଦୁଇ ହଜାର କୋଡ଼ିଏ
କରୋନାର ପାଇଁ ଭୁଲି ହେବ ନାହିଁ
ଏ ଜୀବନ ଥିବା ଯାଏ
ଏ ବର୍ଷର ସ୍ମୃତି ହେଉନାହିଁ ଇତି
କରୁଛି କ୍ଷତ-ବିକ୍ଷତ
ଯେତେ ଭୁଲିବାକୁ ଚାହିଁଲେ ତୁମକୁ
ଦେଉଛ ଶକ୍ତି ଆଘାତ ।
ବିଦାୟ ବେଳାରେ ଦୁଃଖ ହୃଦୟରେ
ଦେଉ ତୁମକୁ ମେଲାଣି
ଦିନେ ଇତିହାସ ତୁମର କଳୁଷ
କରୁଥିବ ଯେ ବଖାଣି ।

+ ପାଇକରାପୁର
ଦୂରଭାଷ-୮୮୯୫୧୯୦୪୭୫

## ନୂଆଁବର୍ଷ

### ସୌଦାମିନୀ ମିଶ୍ର

ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ
ତୁଳନା ଆସିଥାଅ ଖୁବ୍ ଆଡମ୍ବରରେ
ରାଜା ରାଜୁଡ଼ା କାଇଦାରେ
ନୂତନ ଅତିଥି ହୋଇ
ଅନ୍ତରଙ୍ଗ ବନ୍ଧୁ ହୋଇ
ଖୁସିର ମୂହୂର୍ତ୍ତଟିଏ ହୋଇ
ନୂତନ ଆଶା ଓ ସୁନେଲି ସ୍ୱପ୍ନନେଇ
ଆଉ ନୂଆବର୍ଷ ହୋଇ ।
ନାଳ ଆକାଶର ଚାନ୍ଦୁଆତଳେ
ପାହାଡ଼ର ଫାଙ୍କ ଭିତରୁ ସିନ୍ଦୁରା ଫଟାଇ
ବାଳ ସୂର୍ଯ୍ୟଙ୍କର ରକ୍ତିମା କିରଣର ଧାରେ
ଧାରେ ।
ଧିରେ ଧିରେ ପାଦ ଥାପ ଧରଣୀ ପୃଷ୍ଠରେ
ଆଞ୍ଜୁଳାରେ ନିହାରର ଉପହାର
ଦେହରେ ଫୁଲର ମହ ମହ ସୁଗନ୍ଧ
ଫିକ୍ ଫିକ୍ ହୋଇ ହସୁଥାଅ
ଘର ଦୁଆରର ରଙ୍ଗିନ୍ ମୁରୁଜରେ
ପିଚୁରାସ୍ତାର ଓ୍ୱାସିନ୍ ପେଇଣ୍ଟରେ
ଖୁସିର ଅଗଣାରେ ରଙ୍ଗିନ୍ ତୋରଣରେ
ମନ୍ଦିର ମସ୍‌ଜିଦ୍ ଗୀର୍ଜାରେ
ପାର୍କର ଫୁଲ ବଗିଚାରେ
ନଦୀ ଝରଣାର ପ୍ରାକୃତିକ ପରିବେଶରେ
ବଣଭୋଜିରେ ଆଉ
ତାରକା ହୋଟେଲର ଲିଚୁ ମାଳରେ
ତୁମ ସ୍ୱାଗତରେ ଉଚ୍ଛୁଳି ଉଠନ୍ତି ଆବେଗମାନେ
ଦୋଳି ଖେଳନ୍ତି ମନ ଓ ହୃଦୟ
ଆତସବାଜି ବାଣରେ ପ୍ରକମ୍ପିତ ହୁଏ
ଗାଁ, ସହର ଓ ପରିବେଶ
ଶ୍ରଦ୍ଧା ଓ ସମ୍ମାନର ସହିତ ଖୁବ୍ ମହନୀୟ
ହେଲେ ମୁଁ କିନ୍ତୁ ଲକ୍ଷ୍ୟ କରିଛି
ତୁମ ହସ ହସ ଦିଶୁଥିବା ମୁଖମଣ୍ଡଳରେ
ହୃଦୟର କେଉଁ ଏକ ନିଭୃତ କୋଣରେ
ଲୁଚିରହିଥିବା ସେହି ଦୁଃଖକୁ ।
ତୁମେ ସେଠାରେ ନିଜକୁ ଲୁଚାଇବାକୁ
ଚେଷ୍ଟା କରୁଥାଅ ବୋଧେ
ଦୁଃଖୀ ଦରିଦ୍ରଙ୍କ ଭୋକିଲା ପେଟର
ଛାଇ ହୋଇ ଶୁଖିଲା ଓଠରେ

+ ସହ ସମ୍ପାଦିକା
ତ୍ରିଧାରା ସାହିତ୍ୟ ସଂସଦ
ବ୍ରହ୍ମପୁର, ମୋ: ୭୯୭୮୬୧୧୮୦୧

## ନୂଆ ବରଷ



ସ୍ନିଗ୍ଧା.ଜି.
ମହାପାତ୍ର

ଆଶାର ଆଲୋକ ଖୁସିର ଝଲକ
ନେଇ ଆସ ନୂଆ ବରଷ
ଦୁଃଖର ଦରିଆରେ ମେଘକୁ ଦୂରାଇ
ଦିଅ ଗୋ ଚିର ହରଷ ।
ଅନେକ ନିରାଶ ମନରେ ସଂଚାର
ଆଶାର ଅମୃତ ଧାରା
ଅନେକ ଅକୁହା ବେଦନାକୁ ଭର
ଦେଇ ପ୍ରୀତିର ପସରା ।
ଆଖିରେ ଭରିଛି ମୁଠାଏ ସପନ
ତୁମେ ଦିଅ ରଙ୍ଗ ଛିଟା
ତାସ ଘର ସମ ନ ଭାଙ୍ଗୁ 'କା' ମନ
ପଡୁ ଗୋ ଦୁଃଖର ଭଟ୍ଟା ।
ନୂତନ ବରଷ ତୁମେ ତ ଆରମ୍ଭ
ଏଇ ନବ ଜୀବନର
ସ୍ୱାଗତ କରୁଛି ଆଜି ଏହି ବିଶ୍ୱ
ଦିଅ ଖୁସିର ସମ୍ଭାର ।
ଆଶ୍ଳେଷେ ତୁମରି ହଉ ଯେ ସଂହାର
ନିଶା ନାରୀ ଆସକ୍ତି
ବିଭଞ୍ଜନ ସାଜି ଏ ବ୍ୟଭିଚାରର
ରକ୍ଷାକର ମାତୃଜାତି ।
ଶାନ୍ତି ପାହାଚେ ତୁମେ ପାଦ ଥାପି
ଆସ ଶୀତଳ ସମୀରେ
ରୋମାଂଚିତ ହଉ ଏଇ ଧରା ଆଜି
ତୁମରି ଆଗମନରେ...

+ ବାରିପଦା

## ଏକବିଂଶ ଆଗମନେ

### କାଳୀପଦ ପଣ୍ଡା



ଦୂର ଦିଗ୍‌ବଳୟେ ଉଇଁଉଠେ
ନବ ସମ୍ଭାବନାର ସୂର୍ଯ୍ୟୋଦୟ
ଘୁଞ୍ଚିଯାଏ ନୈରାଶ୍ୟର କଳାବାଦଲ
ଗୁଞ୍ଜରି ଉଠଇ ପୁଣି ଆଶା ଓ ସ୍ୱପ୍ନର
ପେନ୍ଥା ପେନ୍ଥା ବଉଳ ।
ବିଗତ ବର୍ଷରେ ତୁମେ ଦେଲ କେତେ କଷଣ
ବୁଝିବାକୁ ବାଧ କଲ ମାନବରେ
ମାନବତା ମନ୍ତ୍ରର ଉପାଦାନ
ସଂଘର୍ଷରେ, ସଂଘାତରେ ଜୀଇଁବାର
ଏ ନୁହଁଇ ବେଳ
ମାନବର ହତ୍ୟାଯଜ୍ଞେ ମାତ ଯେବେ କେହି
ଦିନେ ତାହା ତୁମ ପାଇଁ ହେବ
ବିନାଶର ଅମୋଘ ଅସ୍ତ୍ର ।
ହେଜିନେଇ ସାବଧାନ ହୁଅ ବାରେ ବନ୍ଧୁବର
ପ୍ରେମର ସିନ୍ଧୁରେ ସ୍ନାନ କରି
ପ୍ରତ୍ୟୟର ଧାରା ବୁହାଇ
ମଣିଷପଣିଆର ମନ୍ତ୍ର
ସ୍ନେହ ପ୍ରେମ ପ୍ରୀତିର ଚନ୍ଦନେ
ଜୟକର ବାରେ ମଣିଷ ଜାତିରେ,
ରଚିବ ଯେବେ ଷଡ଼ଯନ୍ତ୍ରର ଜତୁଗୃହ
ଦିନେ ତାହା ଜାଳିପୋଡ଼ି ଛାରଖାର
କରିଦେବ ତୁମ ନଗ୍ର ଜନପଦ ।

ଆଉ ନୁହେଁ
ଏଣିକି ବେଳହୁଁ ସାବଧାନ ହୁଅ
ଭୂଖଣ୍ଡ ପରେ ଭୂଖଣ୍ଡର
ରାଜଚକ୍ରବର୍ତ୍ତୀ ହେବାର ବୃଥା ଆସ୍ଫାଳନେ
ସୃଷ୍ଟି କରନାହିଁ ନରମେଧ ଯଜ୍ଞ,
ସୀମା ସରହଦକୁ ଲଙ୍ଘିବାର
ଦୁର୍ବାର ଅଭୀପ୍‌ସାରୁ ହୁଅ କ୍ଷାନ୍ତ
ଏକବିଂଶରେ ବୁଣିଦିଅ ହରଷ
ବ୍ୟକ୍ତିବାଦ ଉତ୍‌ଥାନରେ ମାତନାହିଁ
ରାଜଚକ୍ରବର୍ତ୍ତୀ ଦଳ
କ୍ଷମିବେ ନାହିଁ ଉତ୍ତରସୁରୀ
ତୁମ କ୍ଷମତାଲିପ୍‌ସୁ ଇତିହାସକୁ
ବରଂ ଶପଥ ନିଅ
ଶାନ୍ତିରେ ଚାଲିବାକୁ, ଶୋଇବାକୁ ଦିଅ
ବିଶ୍ୱ ମାନବରେ ବାର୍ତ୍ତା ଏକ ।

+ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ,
ନିଳିଆବାଗ, ବାଲେଶ୍ୱର
(ମୋ)୮୯୧୭୨୫୫୪୯୩

## ନୂଆଁ ବରଷ ଆସୁଛି



କୁନା ସେଠୀ (ଶିକ୍ଷକ)

ନୂଆ ଆଶା ନୂଆ ଭରସାକୁ ନେଇ
ନୂଆଁ ବରଷଟା ଆସୁଛି
ମନରେ ଆମର ଆନନ୍ଦ ଜମାଇ
ସୁଖର ମଞ୍ଜିକୁ ବୁଣୁଛି ।
ନୂଆ ଶପଥକୁ ନେବା ପାଇଁ ଆଜି
ମନଟା ଉଚ୍ଛନ୍ନ ହେଉଛି
ନବ କିରଣରେ ସଜାଇ ହୋଇଣ
ସୁରୂଜ ଦେବତା ହସୁଛି ।
ନବ ପଲ୍ଲବରେ ସଜାଇ ହୋଇଣ
ବୃକ୍ଷଲତା ଆଜି ବାସୁଛି
ମଳୟ ପବନ ଗୁଣୁଗୁଣୁ ହୋଇ
ଗୀତ ଗାଇ ଗାଇ ବୁଲୁଛି ।
ପୁରୁଣା ଦିନର ଦୁଃଖ ଯନ୍ତ୍ରଣାକୁ
ମନଟା ପାଶୋରି ଦେଉଛି
ନୂଆ ଲକ୍ଷ୍ୟ ନୂଆ ଭାବନା ମନରେ
ଦାନା ବାନ୍ଧି କରି ବସିଛି ।
ରାଇଜ ମୁଖିଆ ନିଜ ରାଜ୍ୟ ପାଇଁ
ନୂଆ ସପନଟେ ଦେଖୁଛି
ରାଜ୍ୟର ଉନ୍ନତି ନିଜ ପ୍ରତିପତ୍ତି
ଆଶାରେ ସେ ବୁଡି ରହିଛି ।
ଯୁବ ବର୍ଗ ଯେତେ କର୍ମର ସନ୍ଧାନେ
ନୂଆ ବରଷକୁ ଚାହିଁଛି
ନୂଆ ଚାକିରୀଟେ ପାଇବା ଆଶାରେ
ପ୍ରଭୁଙ୍କୁ ସ୍ମରଣ କରୁଛି ।
ମନ୍ଦିର ଭିତରେ ପୂଜାରୀ ବୁଢ଼ାଟା
ଧୂପ ଦୀପ ଦେଇ କହୁଛି
ଜଗତ ଉଦ୍ଧାର ହେଉ ପ୍ରଭୁ ମୋର
ନୂଆଁ ବରଷଟା ଆସୁଛି ।
ବେପାରୀ ବାପୁଡ଼ା ମନେ ଆଶା ନେଇ
ବେପାର ପାଇଁକି ବସିଛି
ବେପାର ଜମିବ ଲାଭ ଯେ ହୋଇବ
ଏ କଥା ମନରେ ପାଞ୍ଚିଛି ।
ଭୁଲକୁ ସଜାଡ଼ି ଠିକ୍ କରିବାକୁ
ମଣିଷ ମନରେ ଭାବିଛି
ନୂଆଁ ବରଷରେ ନୂଆ କିଛି କରି
ନୂଆ ସପନ ସେ ଦେଖୁଛି ।
ଲକ୍ଷେ ମନରେ ଅନେଶତ ଆଶାକୁ
ମଣିଷ ସଜାଡ଼ି ରଖିଛି
ପୁରୁଣା ବରଷ ବିଦାୟ ଦେଇ ସେ
ନୂଆକୁ ସ୍ୱାଗତ କରୁଛି ।

+ ଭୂତସରସିଙ୍ଗି, ଗଞ୍ଜାମ

## ନୂଆବର୍ଷ ବିକୁଥିବା ସେ' ଲୋକ କାହିଁଗଲା ?





ଠ ବିନୟଭୂଷଣ ପାଣିଗ୍ରାହୀ

ବର୍ଷଟିଏ ସରିବାର ମାସକ ଆଗରୁ
ସହରର ଗଳିକନ୍ଦି ବୁଲି
'ନୂଆବର୍ଷ' ବିକେ ସେ ଲୋକଟି
ମୁଦ୍ରିତ ଦାମ୍‌ରୁ
କାଟିଦେଇ ଟଙ୍କାଏ-ଆଠଣା ।

କେହି କେହି ବାକିରେ ନିଅନ୍ତି
'ପରେ ନବୁ' କହି
ବୁଲାଟିଆ ଲୋକ ସିଏ
କାଳେ ମନେ ନରହିବ ବୋଲି
ଟିପିରଖେ ତା' ମୁହଁର
ବିଶ୍ୱାସ ହସରେ ।
ଏଥର ସେ କୁଆଡ଼େ ଯାଇଛି କେଜାଣି !

ଏଯାବତ ଦେଖାନାହିଁ ତା'ର
ଶୁଭୁନାହିଁ ଆପଣାପଣର ଡାକ,
'ନୂଆବର୍ଷ ପାଞ୍ଜି ନିଅ, କୋହିନୁର ପାଞ୍ଜି,
ନୂଆବର୍ଷ କ୍ୟାଲେଣ୍ଡର...
ଗଲାସନ ଦେଇଥିବା ନୂଆବର୍ଷ
ସରିବା ସରିବା ହେଲାଣି ।

ଆଗରୁ ସେ ବିକିଥିଲା
ଯେତେଥର ଯେତେ ନୂଆବର୍ଷ
ଜାଲିଆତି ନଥିଲା କାହିଁରେ
ଗଲାସନ ନୂଆବର୍ଷ ବିକିବା ଆଗରୁ
ସମ୍ଭବତଃ ପରଖି ନଥିଲା ବୋଲି
ଖର୍ଦ୍ଦାରଙ୍କ କାନ୍ଧରେ ଓହଳି
ବର୍ଷଟା ଯାତନା ବହୁତ ଦେଲା ।

ମିଳିଯାନ୍ତା ଯଦି ସେ' ଲୋକଟା
ନୂଆବର୍ଷ ନ କିଣନ୍ତି ନାହିଁ
ସୁଝିଦିଅନ୍ତି ବାକିଆ ପାଉଣା
କୁହନ୍ତି ଆଶ୍ୱାସନା ଦେଇ,
'ଯାହା ହେଲା, ହେବାର ହିଁ ଥିଲା,
ଆପଣାକୁ ଦୋଷଦେଇ ମିଛେ
ବଦଳାଇ ଦିଅନା ଠିକଣା ।

ଏସ-୫/୩୪୨, ନୀଳାଦ୍ରି ବିହାର,
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର-୨୧
ମୋ: ୯୯୩୮୫୪୮୪୩୧/ ୯୪୩୮୬୭୦୧୨୦

## ଆସ ଭୁଲିଯିବା ପୁରୁଣା ବର୍ଷ

### ଧ୍ରୁବ ଚରଣ ବେହେରା



ଦୁଇ ହଜାର ଏ କୋଡିଏ ମସିହା
ସାଜିଲା ଅନେକ ଦାଉ
କରୋନା ଆଣିକି ଆତଙ୍କ ଖେଳାଇ
ପ୍ରାଣ କଲା ହାଉ ଯାଉ ॥
ବିଶ୍ୱ ଡାକୁଥିଲା ରଖ ରଖ ହରି
ଏହି ମହା ବିପତ୍ତିରୁ
ଆତ୍ମୀୟଙ୍କ ଶବ ଛୁଇଁବା ନିଷେଧ
ଶାନ୍ତି ଭାଙ୍ଗିଗଲା ଦୂରୁ ॥
ମୁଖା ପିନ୍ଧି କରି ବୁଲିଲା ମଣିଷ
ସଙ୍ଗରୋଧେ ରହି ନିଜେ
ହାହାକାରମୟ ହେଲା ପୃଥ୍ୱି ସାରା
ବିଜ୍ଞାନ ଔଷଧ ଖୋଜେ ॥
ଶିକ୍ଷା ହୋଇଗଲା ଅଧୁରା ଅଛିଣ୍ଡା
ବିଦ୍ୟାଳୟ ହେଲା ଖାଲି
ପିଲାଙ୍କର ଖୁସି ତାଲା ପଡିଗଲା
ମସିହାଟି ଦେଲା ଠେଲି ॥
ଦେବାଳୟ ସବୁ ପଡିଗଲା ଖାଲି
ଭକ୍ତ ଶୂନ୍ୟ ଭଗବାନ୍
ଶୁଭିଲାନି ଆଉ ଦେବା ଦେବୀ ସ୍ତୁତି
ଏ ବରଷଟି ବେଇମାନ ॥
ସମୟ ଚକରେ ମନୁଷ୍ୟ ବଳଦ
ଖାଇଲା ଅନେକ ଧକା
ଖୁସି ବୋଲି ଶବ୍ଦ ବର୍ଷ ଯାକ ସାରା
କରି ପକାଇଲା ଫିକା ॥
ଦୁଃଖ ବର୍ଷ ନାମେ କୋଡିଏ ମସିହା
ରଖିଲା ନିଜର ନାମ
ଆସ ଭୁଲିଯିବା ଏ ପୁରୁଣା ବର୍ଷ
ଏହାଠାରେ ନାହିଁ କାମ ॥
ଏମିତି ଅତୀତ ଦରକାର ନାହିଁ
ଚାଲି ଯା ପୁରୁଣା ବର୍ଷ
ସୁଖ ଶାନ୍ତି ଆଉ ନୂଆ ଆଶା ନେଇ
ଝୁମିଲାଣି ନବ ହସ ॥
ସ୍ୱାଗତ କରିବା ଆସ ଭାଇ ଆମେ
ଆସୁଅଛି ଏକୋଇଶ
ଜୀବନ ହୋଇବ ସରସ ସୁନ୍ଦର
ଆସୁଅଛି ନୂଆ ବର୍ଷ ॥

+ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡ଼ଖଣ୍ଡ ।
ମୋ: ୮୩୨୮୯୩୦୫୫୪

## ଆସିଗଲା ନୂଆ ବରଷ



ଧୀରେନ୍ଦ୍ର ମଲ୍ଲିକ

ଆସିଗଲା ନୂଆ ବରଷ, ମନେ ଭରିଦେଇ ହରଷ
ଗୋପବନ୍ଧୁଙ୍କର ଆଦର୍ଶରେ ବଢ଼ି
ସ୍ୱଭାବ କରିବା ସରସ ।

କୁଚିନ୍ତା ମନରୁ ତେଜିବା,
ନୂଆ ଚିନ୍ତାଧାରା ହେଜିବା
ଅନ୍ୟାୟ ଅନୀତି ଦୁର୍ନୀତି ଦେଖିଲେ
ସୁବାଷଙ୍କ ପରି ସାଜିବା ।

ଅସତ୍ୟର ସାଥ ଦେବାନି, ଅଧର୍ମ ବାଟରେ ଯିବାନି
ଖଳ ଲୋକଙ୍କଠୁ ଦୂରରେ ରହିବା
ତାଙ୍କ ସାଙ୍ଗ କେବେ ହେବାନି ।

ପରିବେଶ ସ୍ୱଚ୍ଛ ପାଇକି, ଅଳିଆ କରିବା କାହିଁକି ?
ଗାଁ ରାସ୍ତା ଦାଣ୍ଡ ରଖିବା ସୁତୁରା
ସର୍ବେ ମନ ଧ୍ୟାନ ଦେଇକି ।



ଲଗେଇବା ନିମ୍ବ ସିରିଶ, କୋଡ଼ିଏ ହେଉକି ତିରିଶ
ଦେବ ଛାଇ ଜାଳ ହେବ ନାହିଁ କାଳ
ଅମ୍ଳଜାନ ଦେଇ ପରଶୀ ।

ଧ୍ୟାନ ଦେବା ଏଇ କଥାକୁ, ଉଚ୍ଚ କରି ଆମ
ମଥାକୁ
ଭକ୍ତି ସେବା ଭାବ ହୃଦୟରେ ରଖି
ଦୂରେଇବା ମନ ବ୍ୟଥାକୁ ।

+ ଯୁବ ସାମ୍ବାଦିକ
ନିଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
ମୋ: ୭୯୦୪୩୯୨୬୮୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ଶୁକ୍ରବାର, ୦୧ ଜାନୁଆରୀ, ୨୦୨୧

## ନୂଆ ବର୍ଷ ପରଦିନ



ଜୁମର ନାଥ ପାତ୍ର

ମନ ଆନ୍ଦୋଳିତ ହେଲା
ବେଳାଭୂମି ଆଡ଼େ ବୁଲି ଆସିବାକୁ
ନୂଆ ବର୍ଷ ପରଦିନ
ଫାଙ୍କାରେ ଟିକେ ନିଃଶ୍ୱାସ ନେଇ
ଉପଭୋଗିବାକୁ ବେଳାଭୂମିକୁ ନୂଆବର୍ଷ ବାସିରେ
ନଥିବ କାଲିର କୋଳାହଳ ସେଠି
ହଁ ବିନ୍ଦାସ ମଜା ନେବି ଏକଲା ଏକଲା ।

ଓଃ... ଏ କ'ଣ
କି ଦଶା ମୋ ପ୍ରିୟା ବେଳାଭୂମିର
ଚାରିଆଡ଼େ ବିକ୍ଷିପ୍ତ ଅଇଁଠା ପତ୍ର, ଦୁନା
ଦେଶୀ ବିଦେଶୀ ବୋତଲ
ଭକ୍ ଭକ୍ ବାସି ମାଂସ ଗନ୍ଧ
ନାକ ଫାଟି ପଡୁଥାଏ ଏ ସବୁ ବିକଟ ଗନ୍ଧରେ
ଫଡା ହେଇଥିବା କୁଡ଼କୁଡ଼ ପଇଡ
ଝାଉଁ ବୁଦା ଉହାଡ଼ରେ ଲଂଗଳା ଛୁଆଙ୍କ ହାତରେ
ଦୁସୁରା ବେଲୁନ୍ ଫୁଙ୍କା...
ମୁଣ୍ଡ ଝାଇଁ ମାରିଗଲା

ବୁଝିଲି ଏତିକି
ମୋ ପ୍ରିୟା ବେଳାଭୂମିଟା
ଗଲାକାଲି ନିର୍ଧୂମ ଶିକାର ହେଇଛି
ଅଜସ୍ର ଯନ୍ତ୍ରଣା ଜର୍ଜରିତ.. ଦୁଷ୍କର୍ମର
ଆଗକୁ ମୋ ଭାବନା ଚେତନା ସବୁ
ବରଫ ପାଲଟିଗଲା ।
ଫେରିଲି ମୋ ପ୍ରିୟା ବେଳାଭୂମିକୁ ପଛ କରି
ଭାରାକ୍ରାନ୍ତ ମନରେ
ମହଣେ ଦୁଃଖକୁ ହୃଦୟରେ ଧରି..

+ ବାଲେଶ୍ୱର
ମୋ:୯୯୩୮୩୬୮୭୨୫/
୬୩୭୦୨୯୮୪୦

## ନବବରଷ ହେ ସ୍ୱାଗତ

ଅଶୋକ କୁମାର ପ୍ରଧାନ

ହେ ନବବରଷ କରୁଛୁ ସ୍ୱାଗତ
ଧିରେ ଧିରେ ତୁମେ ଆସିବ
ସବୁରି ଅନ୍ତରେ ଖୁସି ଭରି ଦେଇ
ଅଜ୍ଞାନ ଅନ୍ଧାର ନାଶିବ ।
ତୁମ ଆଗମନେ ସବୁରି ହୃଦୟେ
ଖେଳିଉଠୁ ଖୁସି ଲହରି
କରୋନା ଭୁତାଣୁ ଦିଅହେ ଦୂରେଇ
ସାଜି ତୁମେ ରକ୍ଷାପ୍ରହରୀ ।
ନରହୁ ଏଠାରେ ହତ୍ୟା ବିଭୀଷିକା
ନାରୀ ନିର୍ଯାତନା କଷଣ
ସବୁ ମାନବର ହୃଦୟୁ ହଟାଅ
କାମ ବାସନା ଓ ଧର୍ଷଣ ।
ଶୋଷଣ, କଷଣ, ପେଷଣ ଅନୀତି
ନରହୁ ଏ ଧରାଧାମରେ
ସବୁ ମାନବଠୁ ଆଳସ୍ୟ ଦୂରେଇ
ମନକୁ ଲଗାଅ କାମରେ ।
ତୁମରି ପରଶେ ହସିଉଠୁ ଧରା
ନବ ପଲ୍ଲବିତ ବେଶରେ
କାହାରି ହୃଦୟେ ନରହୁଟି ଜମା
କଷ୍ଟ, ଗ୍ଳାନି, ଦୁଃଖ, କ୍ଳେଶରେ ।
ପଶୁପକ୍ଷୀ ସର୍ବେ ହୁଅନ୍ତୁ ନିର୍ଭୟ
ନରହୁ ମାନବ ଭୟରେ

ସଭିଏଁ ଆମେ ତ ସ୍ରଷ୍ଟାଙ୍କର ସୃଷ୍ଟି
କରିବା ସେ ପାଦେ ଲୟରେ ।
ଜଳ ସ୍ଥଳ ନଭ ନିରିମଳ ହେଉ
ଆମ ସଚେତନ ମନ୍ତ୍ରରେ
ସବୁଠାରେ ଖେଳୁ ସତ୍ୟ, ଧର୍ମ, ନ୍ୟାୟ
ବିଶୁଦ୍ଧ ଚେତନା ତନ୍ତ୍ରରେ ।
ପିତା ମାତା ବନ୍ଧୁ ସଖା ସହୋଦର
ସଭିଏଁ ସଦୟ ହୁଅନ୍ତୁ
ସ୍ନେହ ପ୍ରେମ ସେବା ମମତ୍ୱରେ ରହି
ସଦା ସତ୍ୟ କଥା କୁହନ୍ତୁ ।
ହସଖୁସି ହୋଇ ମିଳିମିଶି ଚଳି
ବିତାଇବୁ ସାରା ବରଷ
ଏ ନୂଆବରଷ ଆଶିଷ ଢାଳିଛି
ଚାଲ ସର୍ବେ ହେବା ହରଷ ।

+ ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ- ୮୨୪୯୧୧୯୧୩୦

## ସ୍ୱାଗତଂ ଦି'ହଜାର ଏକୋଇଶି

ସମ୍ବେଦନା ମିଶ୍ର

କୋଡ଼ିଏ ମସିହା ନେଉଛି ବିଦାୟ
ସରି ସରି ଯାଏ ତାହାର ସମୟ ॥

ଏକୋଇଶି ଆସି କରିବ ପ୍ରବେଶ
ସବୁରି ମୁହଁରେ ଫୁଟାଇବ ହସ ॥

କରୋନା କବଳୁ ମିଳିବ ମୁକତି
ଟିକା ଆଣିଦେବ ଆମକୁ ଆଶ୍ୱସ୍ତି ॥

ବିକାଶ ବଢ଼ାଇ ନିଜର ଗତି
ଦେଶ ଆମ କରିବ ଆହୁରି ଉନ୍ନତି ॥

ନୂଆ ଆଶା ନେଇ ନୂଆ ସମ୍ଭାର
ଆସୁଅଛି ନୂଆବର୍ଷ ଏଥର ॥

ନୂଆ ସଂକଳ୍ପ ସହ ହେବା ପ୍ରସ୍ତୁତ
ଖୁସିରେ କରିବା ଆମେ ତାକୁ ସ୍ୱାଗତ ॥

+ ସମ୍ବିତ ଭିଲ୍ଲା, ଘାଟିକିଆ
ଭୁବନେଶ୍ୱର

## ନୂଆ ବରଷର ନୂତନତା

ସୁବ୍ରତ ଦାସ

ଆସୁଛି ନୂଆ ବରଷ
ଭରିବ ମନେ ହରଷ ॥

ପୂରିବ ମନର ଆଶା
ଦେଇ କେତେ ଭରସା ॥

ଜୀଇଁବ ମନେ ଉଲ୍ଲାସ
ନାଶିବ ସକଳ କ୍ଳେଶ ॥

ପ୍ରେମର ଏହି ଭାବନା
ପାଶୋରି ସବୁ ଯାତନା ॥

ସାଜିବ ଜୀବନ ରଙ୍ଗ
ଅଜାଡ଼ି ପ୍ରେମ ତରଙ୍ଗ ॥

ଜୀବନେ ଦେଇ ଆଲୋକ
ପ୍ରୀତିର ନବ ପୁଲକ ॥

ନୂଆ ବରଷର ନୂତନତା
ସୁଖ, ଶାନ୍ତିରେ ଭରୁ ପୂର୍ଣ୍ଣତା ॥

ପୂରଣ ହେଉ ସଭିଙ୍କ ଇଚ୍ଛା
ନବ ବରଷର ଏହି ଶୁଭେଚ୍ଛା ॥

ସକଳ ଘେନ ନୂଆ ଉଦ୍ଦୀପନା
ତବ ପାଶେ ମୋର ଏହି କାମନା ॥

+ (ରାଜେନ୍ଦ୍ର ପୁର, ବାରିକପୁର ବଜାର,
ଭଦ୍ରକ)
ମୋ: ୯୪୩୭୭୩୧୯୦୩

## ନୂଆବରଷ ଆସ



ରତ୍ନକାନ୍ତି ମିଶ୍ର

ହସର ଫୁଲ ଫୁଟାଇ ଦେଇ
ନୂଆବରଷ ଆସ
ସବୁରି ହୃଦେ ଛୁଟାଇ ଦିଅ
ମମତା ମଧୁ ବାସ ॥

ଭୋକ ଉପାସେ କାହା ଆଖିରୁ
ନଝରୁ ଆଉ ଲୁହ
ଦୁନିଆ ଆଉ ନଦେଖୁ କେବେ
କାହା ବିରସ ମୁହଁ ॥

ମନକୁ ଆମ ଫୁଲ ଠାରୁ ବି
ଦିଅ କୋମଳ କରି
ଧରା ବୁକୁରେ ହସ ଖୁସିର
ଝରଣା ଯାଉ ଝରି ॥

ଜାତି ଧରମ ନାମରେ କେହି
ନକରୁ ଆଉ କଳି
ଦଙ୍ଗା ଗୋଳରେ ହରାଇ ସବୁ
ନହେଉ କେବେ ଭାଳି ॥

ପର ଅପର ଛୁଆଁ ଅଛୁଆଁ
ବିଭେଦ ଯାଉ ଚାଲି
ହର୍ଷ ଉଲ୍ଲାସେ ବିଭୋର ହେଉ
ଦେଶଠୁ ପୁର ପଲ୍ଲୀ ॥

ସବୁ ଅନ୍ତରେ ବିବେକ ଦୀପ
ଉଠିବ ଯେବେ ଜଳି
ଏଇ ମରତ ପ୍ରୀତି ପୁଲକେ
ସରଗୁ ଯିବ ବଳି ॥

+ ଆଳି, କେନ୍ଦ୍ରାପଡ଼ା

## ପ୍ରତ୍ୟାଶା: ନୂଆବର୍ଷର

ଶ୍ୟାମା କିଙ୍କର ମହାନ୍ତି

ସାରାରାତି ବିଛୁରି ପଡିଥିବା
ଅସଜଡ଼ା ଶବ୍ଦସବୁକୁ
ସାଇତି ରଖାଯାଉ
ଏତିକି ହିଁ ଆଶା ନେଇ
କାଳେ ଜନ୍ମିବ ସେଥିରୁ
ଉତ୍ତୀର୍ଣ୍ଣ କବିତାଟିଏ

ବଞ୍ଚୁଥିବା ଗୋଟେ ଶୀର୍ଣ୍ଣ ଇଲାକାରେ
ନୀଳ ସ୍ୱପ୍ନ ବି ଦେଖାଯାଉ
ଏତିକି ହିଁ ଆଶା ନେଇ
କାଳେ ଅଙ୍କୁରିତ ହେବ ସେଠି
ସବୁଜ ପତ୍ରଟିଏ

ଆଜିର ଖବରକାଗଜଟିକୁ
ଡଷ୍ଟବିନରେ ଫୋପାଡି ଦିଆଯାଉ
ଏତିକି ଆଶା ନେଇ
କାଳେ ଆସନ୍ତାକାଲିର ଖବରରେ ନଥିବ
ହତ୍ୟା, ଧର୍ଷଣ, ଚୋରି, ଦୁର୍ଘଟଣା
କିମ୍ୱା ମହାମାରୀର ଶିରୋନାମାଟିଏ

ଫି ବର୍ଷ ପରି
ଶେଷ ସୂର୍ଯ୍ୟାସ୍ତକୁ
ପ୍ରତିଶ୍ରୁତି ମଗାଯାଉ
ଏତିକି ହିଁ ଆଶା ନେଇ
କାଳେ ନୂଆ ସକାଳରେ ଉଇଁବ
ବର୍ଣ୍ଣିଳ ସୂର୍ଯ୍ୟୋଦୟଟିଏ

+ ଡେପୁଟି ମ୍ୟାନେଜର
ନୀଳାଚଳ ଇସ୍ପାତ ନିଗମ
ଡୁବୁରୀ, ଯାଜପୁର
ମୋ: ୯୮୬୧୧୯୧୩୮୦

## ଆସ ଆସ ହସି ହସି ନବୀନ ବରଷ

ଶ୍ରୀମତୀ ଉତ୍ତରା ନାୟକ

ଆସ ଆସ ହସି ହସି ନବୀନ ବରଷ
ନବବର୍ଷେ ଘେନିଆଣ ନୂତନ ହରଷ ।

"ଦି ହଜାର କୋଡ଼ିଏ"କୁ ବିଦାୟ ଗୋ ଦିଅ
"ଦି ହଜାର ଏକୋଇଶି" ରାଜଦଣ୍ଡ ନିଅ

ତୁମ ଆଗମନେ ହସିଉଠୁ ଏ ଜଗତ
କୋମଳ ପରଶେ ତବ ହସୁ ଏ ଭାରତ ।

ଈର୍ଷା, ଦ୍ୱେଷ, ଅହମିକା, ଅଧର୍ମ, ଅନ୍ୟାୟ
ଅଶାନ୍ତି, ଅନୀତି, ରୋଗ, ଶୋକ, ପରାଜୟ

ହତ୍ୟା ବିଭୀଷିକା ପୁଣି ଲୁଣ୍ଠନ, ଶୋଷଣ
କଳାବଜାରୀ, କୁକର୍ମ ଯେ ପରସ୍ତ୍ରୀ ହରଣ

ଧର୍ଷଣ, କର୍ଷଣ, ଆଉ ନାରୀ ନିର୍ଯ୍ୟାତିତା
ଯଉତୁକ ନିର୍ଯ୍ୟାତନା, ସ୍ୱାମୀ ପରିତ୍ୟକ୍ତା

ଯୁଦ୍ଧ, ବାଦ, ବିସମ୍ବାଦ ନରହୁ ସୃଷ୍ଟିରେ
ସବୁ ଅପସରି ଯାଉ ତବ ଆଗମନରେ

ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ଓ ଦୁଃଖ ହାହାକାର
ଭାରତବର୍ଷର ସବୁ କରିବଟି ଦୂର

"କରୋନା-କାଳକଂସର" ହୋଇବ ବିନାଶ
ପୃଥିବୀ ଜନଙ୍କ ମୁଖେ ଫୁଟାଇବ ହସ

ସର୍ବପ୍ରାଣେ ଛୁଟିଯିବ ଆନନ୍ଦ ଜୁଆର
ସମସ୍ତଙ୍କୁ ଆନନ୍ଦରେ ରଖିବେ ଠାକୁର

ସର୍ବେ ଭବନ୍ତୁ ସୁଖୀନ, ସର୍ବେ ନିରାମୟ
ଏତିକି ଗୁହାରି ରଖ ଆହେ ଦୟାମୟ ।

+ ବିଚଣା, କେନ୍ଦ୍ରାପଡ଼ା

## ନୂଆ ନୂଆ ନୂପୁରର ନିକ୍ୱଣ

ପ୍ରଫୁଲ୍ଲ ଚଂନ୍ଦ୍ର ବାରିକ



ନବ ନାନ୍ଦନିକ ନନ୍ଦନବନର
ନହୁଲି ନରେଶ ନାମେ
ନୀହାର ନୟନେ ନୀଳୋତ୍ପଳ ନାଇ
ନର-ନାରାୟଣ ନମେ ।

ନିମିଷେ ନିମିତ୍ତ ନଅର ନିର୍ମାଣି
ନମ୍ର ନବନୀତ ନାଆଁ
ନଷ୍ଟ ନୀଡ଼ରେ ନଜର ନଚାଇ
ନିଭାଇବ ନଗ୍ନ ନିଆଁ ।

ବେଦବ୍ୟାସ, ରାଉରକେଲା-୪
(ମୋ): ୯୦୯୦୩୩୦୮୫୯

## ତୁମେ ଆସୁଛ

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ତୁମେ ଆସୁଛ
ହେ ନବବର୍ଷ !
ସତେଜ ପ୍ରକୃତିର ଚଦରଟେ ନେଇ
ଯାର ଆବରଣ ଭିତରେ
ସମଗ୍ର ପୃଥିବୀ ନିସ୍ତରି ଯିବ
ଭୟଙ୍କର ଭୟାନକ ବିଭୀଷିକା
ଶୀତ ପ୍ରକୋପରୁ ।

ତୁମେ ଆସୁଛ
ଅନ୍ଧାରକୁ ଚୋରି କରିବାକୁ
ଅବିଶ୍ୱାସର ପଡ଼ିଆରୁ
ଈର୍ଷାର ଅଗଣାରୁ
ସନ୍ଦେହ ଘାଟରୁ
ମନର ଗୁମ୍ଫା ଗମ୍ଭୀରାର
ଭବିଷ୍ୟ ରାତ୍ରିରୁ ।

ତୁମେ ଆସୁଛ
ପୋଛିଦେବ ବିଷାଦର ଛାୟାପଥ
ଗଗନର ନୀଳ କପାଳରୁ ।
ସିନ୍ଦୂରଫଟା ପୂର୍ବ ଆକାଶରେ
ଉଦୟଭାନୁ ହେ
ତୁମେ ଆସୁଛ
ସମ୍ଭାବନାର ଅଗ୍ନିପିଣ୍ଡ ସାଜି
ନଗ୍ନ ବେଳାର ସବୁ ଉପଦ୍ରବ
ଯିବ ଆଲୋକରେ ହଜି ।

ଭଗ୍ନ ହୃଦୟର
କ୍ଷୀଣ ସ୍ୱର ସବୁ
ପୁନଶ୍ଚ ଉଠିବେ
ବୀଣାର ତନ୍ତ୍ରୀରେ ବାଜି ।

ପ୍ରତି ଗର୍ଭାଶୟେ ଅଙ୍କୁରି ଉଠିବ
ଆଲୋକର ଦିବ୍ୟଭ୍ରୂଣ
ଉଭାନ ହୋଇବ ସ୍ୱପ୍ନ ଗାଲିଚାରୁ
କୁହୁଡ଼ିର ଆବରଣ ।

ଅମା ଅନ୍ଧକାର ଯବନିକା ପରେ
ଫୁଲ ପରି ଫୁଟୁଥିବ ହସ
ନିୟତି ନାଟକର ଜୀବନ୍ତ କଳାକାର ମୁଖୁଁ
ଝରୁଥିବ ପ୍ରୀତିର ପୀୟୁଷ ।

ଆଶାର ପୋତଟିଏ
ଭାସି ଯାଉଥିବ
ଛୁଇଁବାକୁ ଦୂର ଦିଗ୍‌ବଳୟ
ପାଣିପାଗ ଅନୁକୂଳ ଥିବ
ବହୁଥିବ ସ୍ନିଗ୍ଧ ମଳୟ ।

+ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ:-୮୨୪୯୫୦୦୫୦



## ନୂତନ ବର୍ଷ



ସୁସ୍ମିତା ଖୁଣ୍ଟିଆ

ନୂତନ ବର୍ଷକୁ କେକୀ କରେ ସ୍ୱାଗତ
ନୂତନ ବର୍ଷ ସହ ହୋଇ ସାକ୍ଷାତ ।

ସରୋବରେ ଫୁଟି ଉଠେ ନୂଆ ପଂକଜ
ହୁଏ ଯେବେ ପୂରୁବ ଦିଗେ ସୂର୍ଯ୍ୟଙ୍କ ଆଗତ ।

ବିହଂଗମ ଗାଆନ୍ତି ସ୍ୱାଗତ ସଂଗୀତ
ଆକାଶେ ଗାଆନ୍ତି ସ୍ୱାଗତ ସଂଗୀତ
ଆକାଶେ ରହି ରବି ଦିଅନ୍ତି ସ୍ମିତ ହସ ।
ଆଗତ ହୁଏ ଅମ୍ବରେ ଯେବେ ନୂତନ ଦିବସ ।

ନୂତନ ବର୍ଷର ନୂତନ ସୁନେଲି କିରଣ
ମେଦିନୀରୁ କରୁ ମହାମାରୀର ହରଣ ।

ସୁଖ ଶାନ୍ତିରେ ଖେଳି ଉଠୁ ସମସ୍ତ ଘର
ସଭିଙ୍କ ଆଶା ସ୍ୱପ୍ନ ହେଉ ସାକାର ।

କ୍ଷେତରେ ଭରିଯାଉ ଶ୍ୟାମଳ ଶସ୍ୟମାନ
କୃଷକ ଭାଇର ଦୁଃଖ ହେଉ ସବୁ ଦୂର ।

ଆମ ସୁରବୀରଙ୍କୁ ମିଳୁ ଅସୀମ ସାହସ
ଶତ୍ରୁଙ୍କୁ କରନ୍ତୁ ବିନାଶ ନ ହୋଇ ନିରାଶ ।


ମଙ୍ଗଳମୟ ହେଉ ଏହି ନୂତନ ବରଷ
ଲକ୍ଷ୍ୟ ପଥେ ବଢ଼ିଯାଅ ନେଇ ମୋର ଆଶିଷ ।

କଠିନ ସମୟକୁ କର ଦୃଢ଼ତା ସହ ବିନାଶ
ଖୁସୀ ମନରେ କର ନୂତନ ବର୍ଷର ସ୍ୱାଗତ ।

ଗ୍ରାମ- ଅଡାଲ,
ସାରଙ୍ଗଧରପୁର, ନୟାଗଡ଼




## ॥ ଆମ ଗାଁରେ ଶୀତ ॥



ସୁଦର୍ଶନ ମହାପାତ୍ର

କୁହୁଡ଼ି ପାଚେରୀ ଡେଇଁ
ଆମ ଗାଆଁ ଆସେ ଶୀତ
ଆଗମନୀ ଗୀତ ଗାଏ
ନଇ କୂଳ କ୍ଷେତ ପ୍ରାନ୍ତ ॥

ସକାଳର କାକରରେ
ଶୀତ ଧୁଏ ତା'ର ମୁହଁ
ଛାଇ ଲେଉଟାଣି ବେଳେ
ନିଆଁରେ ସେକଇ ଦେହ ॥

ଖର ଖର ଖରା ଡିଏଁ
ପିଢ଼ାରୁ ପିଣ୍ଡା ଅଗଣା
ଝଅଟ ଲେଉଟେ ପୁଣି
ସଞ୍ଜର ନେଇ ଠିକଣା ॥

ଜରତି ଦେହକୁ ଛୁଏଁ
କୋହଲା ପବନ ଛିଟା
ଚୁଲିର ମଲା ନିଆଁରେ
ମିଠା ବାସ୍ନା ପୋଡପିଠା ॥

ସାମ୍ଭୁକରା କେଶ ବାନ୍ଧେ
ସ୍ୱଚ୍ଛ ଦର୍ପଣରେ ନଈ
କ୍ଷେତୁଆ ପଜାଏ ଦାଆ
ସୁନାର ଫସଲ ପାଇଁ ॥

ଗାଆଁରେ କାଠୁଆ ଶୀତ
ଜାଡୁଆଳି କୋଳେ ଲୁଚେ
ହେମାଳ ପୋଷାକ ତା'ର
ସକାଳ ଖରାରେ କାଚେ ॥

ଶୀତ କେବେ ଦୌଡୁଥାଏ
ପତଙ୍ଗ ଲଟେଇ ପଛେ
ଦୋହଲି ସେ ଖେଳେ ଦୋଳି
ପବନ ଗତିର ସାଥେ ॥

ହଳଦିଆ ଶାଢ଼ୀ ପିନ୍ଧେ
ଫୁଲେଇ ସୋରିଷ କ୍ଷେତ
ହିମମୟୀ ସ୍ନିଗ୍ଧ ଶୀତ
ମନ କରିଦିଏ ପ୍ରୀତ ॥

ହୁକେ-ହୋ ସ୍ୱର ଶୁଣି
ଛାତିଟା ସତେ ଦୁଲୁକେ
ଜେଜେ ମା' ଉଷୁମ କୋଳେ
ନିଦ ଆସି କାହୁଁ ଝାଙ୍କେ ॥

ଆମ ଗାଆଁ ଆସି ଶୀତ
ସବୁଜିମା ଭରି ଦିଏ
ଫଗୁଣର ପଦାର୍ପଣେ
ଖୁସି ମନେ ଫେରିଯାଏ ॥

+ କୁଞ୍ଜବିହାରୀ ଲେନ, କଟକ

# ଜିଲ୍ଲାପାଳଙ୍କ ଦ୍ୱାରା ଓପନ୍ ଏୟାର ଜିମ୍ ଉଦ୍‌ଘାଟିତ



ବାରିପଦା,୩୧।୧୨ (ନି.ପ୍ର): ରିଖ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓପନ୍ ଏୟାର ଜିମ୍, ଫିଟ୍ ଇଣ୍ଡିଆ (ବିଦ୍ୟାଳୟ ଖେଳ କୁଦ) ଏବଂ ୨ ଟି ଅତିରିକ୍ତ ଶ୍ରେଣୀ ଗୃହ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ମୟୂରଭ ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ ଙ୍କ ଦ୍ୱାରା ତା.୩୦.୧୨.୨୦୨୦ ରିଖ ପୂର୍ବାହ୍ନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଶାରିରୀକ ଓ ମାନସିକ ଜ୍ଞାନର ବିକାଶ ପାଇଁ ସରକାରଙ୍କ ସତନ୍ତ୍ର ବିଦ୍ୟାଳୟ ଶିକ୍ଷା ଯୋଜନା କାର୍ଯ୍ୟକ୍ରମରେ ବିଶେଷ କରି ବିଦ୍ୟାଳୟର ପରିବେଶ ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେଇ ତ୍ୱରାନ୍ୱିତ କରାଯାଉଥିବା ପଦେକ୍ଷେପକୁ ବେଶ୍ ପ୍ରଶଂସା କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ସଂପ୍ରସାରିତ ନୂଆ ରୋଷେଇ ଗୃହର ଆନୁସଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭବେଶ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଗାମୀ ଦିନରେ ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ସମସ୍ତ ଆବଶ୍ୟକ ସହାୟତା ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ସୂଚନା ଯୋଗ୍ୟ ଯେ ସରକାରଙ୍କ 'ମୋ ସ୍କୁଲ' ଅଭିଯାନ କାର୍ଯ୍ୟକ୍ରମରେ ୩୦ ହଜାର ଟଙ୍କା ମ୍ୟାଚିଙ୍ଗ୍ ଗ୍ରାଣ୍ଟ ସହାୟତା ଅନୁଦାନ ଏବଂ ସ୍ଥାନୀୟ ଅବସରପ୍ରାପ୍ତ ପ୍ରଫେସର ସୂର୍ଯ୍ୟନାରାୟଣ ଷଡଙ୍ଗୀ ଙ୍କ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସମେତ ମୋଟ ୪୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ମଧ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଲା ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମଗ୍ରିକ ଶିକ୍ଷା, ବହୁଭାଷୀ ସଂଯୋଜକ ସପନ କୁମାର ପୃଷ୍ଟି, ଶିକ୍ଷକ ଗଣେଶ ବେହେରା, ଗୌତମ ପଣ୍ଡା, ବଳରାମ ବେହେରା, ମହେଶ୍ୱର ମାର୍ଣ୍ଡି ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସଂପୃକ୍ତ କର୍ମଚାରୀ ଏବଂ ସ୍ଥାନୀୟ ତ୍ରୀରଙ୍ଗା କ୍ଲବର ସଭାପତି ଆଲୋକ ମହାନ୍ତି ଓ ସଂପାଦକ ସରୋଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

## ମାଇକେଲ କିଣ୍ଡୋଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩୧।୧୨ (ନି.ପ୍ର): ଭେଟେରାନ ହକି ଖେଳାଳି ମାଇକେଲ କିଣ୍ଡୋଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ ଶୋକ ବାର୍ତାରେ କହିଛନ୍ତି ଯେ ସ୍ୱର୍ଗତ କିଣ୍ଡୋ ଜଣେ ଆଇକନ୍ ଖେଳାଳି, ଯାହାଙ୍କ ବିଶ୍ୱ ହକିରେ ଅବଦାନ କେବେବି ଭୁଲି ହେବ ନାହିଁ। ବିଶ୍ୱକପରେ ତାଙ୍କର ଚମତ୍କାର ପ୍ରଦର୍ଶନ କରି ସେ ଆମ ଦେଶ, ଆମ ରାଜ୍ୟକୁ ଗର୍ବିତ କରିଛନ୍ତି । ତାଙ୍କ ପରି ଖେଳାଳୀମାନେ ହକି କ୍ଷେତ୍ରରେ ଆମର ସ୍ୱୀକୃତି ପଛରେ ପ୍ରେରଣା ଅଟନ୍ତି । ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

# 'ମୋନା'ର ଜିଲାସ୍ତରୀୟ ବୈଠକ



ବାଲେଶ୍ୱର,୩୧।୧୨ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା'ର ବାଲେଶ୍ୱର ଜିଲା କାର୍ଯ୍ୟାଳୟରେ ଗୁରୁବାରରେ ଆୟୋଜିତ ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ ପ୍ରକାଶ ପାଇଁ ସ୍ଥିର କରାଯାଇଛି। ସଂଗଠନର ଜିଲା ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦିକା ମମତା ମହାପାତ୍ର ପୁସ୍ତକ ପ୍ରକାଶନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। 'ମୋନା'ର ଉପଦେଷ୍ଟା ସୁବ୍ରତ କର ନବକୃଷ୍ଣ ଚୌଧୁରୀଙ୍କ ମହନୀୟ ଜୀବନାଦର୍ଶ ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ପ୍ରସ୍ତାବିତ ପୁସ୍ତକ ସମ୍ପାଦନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାହିତ୍ୟିକ ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ବିମଳ ଜେନା ଓ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ବିଭିନ୍ନ ଦିଗରୁ କିପରି ନବକୃଷ୍ଣ ଚୌଧୁରୀଙ୍କୁ ଲେଖାରେ ଚିତ୍ରଣ କରାଯାଇପାରିବ, ସେ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଓଡ଼ିଶାର ବରିଷ୍ଠ ବିଦ୍ୱାନମାନଙ୍କଠାରୁ ପ୍ରବନ୍ଧ ଆଣିବାକୁ ଏହି ବୈଠକରେ ସ୍ଥିର କରାଗଲା। ଏହି ସଭାରେ 'ମୋନା'ର ଆଜୀବନ ସଦସ୍ୟ ଡ. କ୍ଷିତୀଶ୍ୱର ଦାଶ, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ ପ୍ରମୁଖ ପୁସ୍ତକ ପ୍ରକାଶନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫୁଲ୍ଲ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମୁଗ ବିହନ ବଂଟନ




ନୀଳଗିରି,୩୧।୧୨ (ନି.ପ୍ର): ନୀଳଗିରି କୃଷି ବିଭାଗ ପକ୍ଷରୁ ପଡ଼ିଆ ଜମିରେ ମୁଗ ଚାଷ ପାଇଁ ଜାତୀୟ ଖାଦ୍ୟ ନିରାପତା ମିଶନ ପକ୍ଷରୁ ଚାଷୀଙ୍କୁ ମୁଗ ବିହନ ସହ ରାସାୟନିକ ସାମଗ୍ରୀ ବଂଟନ କରାଯାଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଙ୍କ ସହ ଉପସ୍ଥିତିରେ ଗୁରୁବାର ଦିନ କେ.ସି.ପୁର ଓ ଭଉଁରିଆବାଡ଼ ପଂଚାୟତରେ ପାଖାପାଖି ୧୫୦ଜଣ ଚାଷୀଙ୍କୁ ମୁଗବିହନ ସହ ଜୈବୀକ ସାର କୀଟନାଶକ ଔଷଧ ବଂଟନ କରିଛନ୍ତି। ନୀଳଗିରି ବ୍ଲକର ୫ଟି ପଂଚାୟତ ଯଥା କେସିପୁର, ଭଉଁରିଆବାଡ଼, ବେଗୁନିଆ, ଗରଡିହି ଏବଂ ପିଠାହତା ପଂଚାୟତର ମୋଟ ୩୦୦ ହେକ୍ଟର ଚାଷ ଜମିରେ ମୁଗ ଚାଷ କରାଯିବାର ଲକ୍ଷ ରହିଥିବାର ଗୋଷ୍ଠି କୃଷି ଅଧିକାରୀ ନିର୍ମଳ କୁମାର ନାୟକ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ହେବାର ମୂଳ ଲକ୍ଷ ବୋଲି ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନ ପ୍ରକାଶ କରିଛନ୍ତି। ବିହନ ବଂଟନ ସମୟରେ ସଂପୃକ୍ତ ପଂଚାୟତର ସରପଂଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

## ବ୍ୟାଙ୍କ ସମ୍ମୁଖରୁ ଲୁଟିନେଲେ ଅଢେଇ ଲକ୍ଷ: ନୀଳଗିରିରେ କଳା ପଲସର ଲୁଟେରାଙ୍କ ଆତଙ୍କ

ନୀଳଗିରି,୩୧।୧୨ (ନି.ପ୍ର): ବିଗତ କିଛି ମାସ ଧରି ନୀଳଗିରି ଅଂଚଳରେ ଆତଙ୍କ ଖେଳାଇ ଚାଲିଛନ୍ତି କଳା ପଲସର ଲୁଟେରା। ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ଆଖି ପିଛୁଳାକେ ୨ଲକ୍ଷ ୫୦ହଜାର ଟଙ୍କା ଲୁଟ କରିନେଲେ ଦୁର୍ବୃର୍ତ। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ହାଟସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ନିଜର ଲୋନ ଟଙ୍କା ପରିଶୋଧ କରିବା ପାଇଁ ନୀଳଗିରି ଷ୍ଟେଟବ୍ୟାଙ୍କ ଶାଖାରୁ ୨.୫ ଲକ୍ଷ ଟଙ୍କା ଉଠାଣ କରି ଓଲଡଙ୍ଗ ଏକ୍ସିସ ବ୍ୟାଙ୍କକୁ ଯାଇ ବ୍ୟାଙ୍କ ସମ୍ମୁଖରେ ବାଇକ ରଖି ଡିକିରୁ ଟଙ୍କା କାଢୁଥିବା ସମୟରେ ହଠାତ୍ ୨ଜଣ ଦୁର୍ବୃତ ଏକ କଳା ପଲସର ବାଇକରେ ଆସି ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଆଖି ପିଚୁଳାକେ ସେରଗଡ଼ ଆଡ଼କୁ ଫେରାର ହୋଇଯାଇଥିଲେ । ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ଥିଲେ ହେଁ ଦୁର୍ବୃର୍ତଙ୍କୁ ଧରିବାରେ ସକ୍ଷମ ହୋଇ ନାହିଁ । ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗ ମୂଳେ ନୀଳଗିରି ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

## ମାଖନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହ ରୋକିବା ନିମନ୍ତେ ଏକ ଜରୁରୀକାଳୀନ ବୈଠକ

ଖଇରା,୩୧।୧୨ (ନି.ପ୍ର): ଖଇରା ବ୍ଲକ ମାଖନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଶା, ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବାଲ୍ୟ ବିବାହ ରୋକିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଭଳି ବିଷୟ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହ ହେଲେ କମ ବୟସରେ ମାଆର ଶାରିରୀକ ପୂର୍ଣ୍ଣାଙ୍ଗ ଭାବରେ ବିକାଶ ହୋଇନଥିବାରୁ ଏକ ଅପରିପକ୍ୱ ସନ୍ତାନ ଜନ୍ମ ହେବା ସହିତ, ବିକଳାଙ୍ଗ,ମାନସିକ ଅନଗ୍ରସର ପିଲା ଜନ୍ମ ହୋଇଥାଏ । ଏହା ଫଳରେ ଶିଶୁଟି ମାଆ କ୍ଷୀର ଖାଇନପାରି କୁପୋଷଣ ହେବା ସହିତ ବିଭିନ୍ନ ରୋଗାକ୍ରାନ୍ତ ମଧ ହୋଇଥାଏ, ଯଦି ବାଲ୍ୟ ବିବାହ ରୋକାଯାଇପାରନ୍ତା ଶିଶୁ ଓ ମାତୃ ମୃତ୍ୟୁ ହାର କମିବା ସହିତ କୁପୋଷଣରୁ ରକ୍ଷା ମିଳନ୍ତା । ଏହି ବୈଠକରେ ସରପଞ୍ଚ ସୁଦର୍ଶନ ସିଂ ,ସମିତି ସଭ୍ୟାଙ୍କ ପ୍ରତିନିଧି ହିସାବରେ ଦିପ୍ତିପ୍ରକାଶ ପାଣି(ମିଲୁ)ଯୋଗ ଦେଇଥିଲେ ।

# କରୋନାରୁ ସୁସ୍ଥ ହେଲେ ଆଉ ୩୨୯

ଭୁବନେଶ୍ୱର,୩୧।୧୨ (ନି.ପ୍ର): ରାଜ୍ୟରୁ ଗୁରୁବାର ଦିନ ଆଉ ୩୨୯ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସୁସ୍ଥଙ୍କୁ ମିଶାଇ ରାଜ୍ୟରେ ଏଯାବତ୍ ୩୨୫୪୩୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ଏହି ସୂଚନା ଦେଇଛି। ଆଜି ସୁନ୍ଦରଗଡ଼ରୁ ୭୧ଜଣ, ଅନୁଗୁଳରୁ ୪୦ଜଣ, ସମ୍ବଲପୁରରୁ ୩୧ଜଣ, ପୁରୀରୁ ୨୯ଜଣ, ଖୋର୍ଦ୍ଧାରୁ ୨୨ଜଣ, ବାଲେଶ୍ୱରରୁ ୧୭ଜଣ, ବରଗଡ଼ରୁ ୧୭ଜଣ, ଭଦ୍ରକରୁ ୧୨ଜଣ, କଟକରୁ ୧୦ଜଣ, କେନ୍ଦ୍ରାପଡ଼ାରୁ ୧୦ଜଣ, କେନ୍ଦୁଝରରୁ ୧୦ଜଣ, ମୟୁରଭଞ୍ଜରୁ ୮ଜଣ, ନବରଙ୍ଗପୁରରୁ ୭ଜଣ, କଳାହାଣ୍ଡିରୁ ୬ଜଣ, ନୂଆପଡ଼ାରୁ ୬ଜଣ, ଝାରସୁଗୁଡ଼ାରୁ୫ଜଣ, ବଲାଙ୍ଗୀରରୁ ୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଜଗତସିଂହପୁରରୁ ୪ଜଣ, ଦେବଗଡ଼ରୁ ୩ଜଣ, ଗଞ୍ଜାମରୁ ୩ଜଣ, ନୟାଗଡ଼ରୁ ୨ଜଣ, ରାୟଗଡ଼ାରୁ ୨ଜଣ, ବୌଦ୍ଧରୁ ଜଣେ, ଢ଼େଙ୍କାନାଳରୁ ଜଣେ, ଗଜପତିରୁ ଜଣେ, କନ୍ଧମାଳରୁ ଜଣେ, ମାଲକାନଗିରିରୁ ଜଣେ, ସୁବର୍ଣ୍ଣପୁରରୁ ଜଣେ ଓ ଷ୍ଟେଟପୁଲରୁ ୪ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କଟକ ଏସସିବିର ....

ଏହି ପ୍ରକଳ୍ପରେ ଡାକ୍ତର, ରୋଗୀ, ରୋଗୀଙ୍କ ସହାୟକ,ସ୍ୱାସ୍ଥ୍ୟ କର୍ମଚାରୀ ସମସ୍ତଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଅତ୍ୟାଧୁନିକ ଚିକିତ୍ସା ଉପକରଣ ସହିତ ପରିବହନ ବ୍ୟବସ୍ଥା , ଆଧୁନିକ ରେଷ୍ଟୁରାଂଟ,ବାଣିଜ୍ୟ କେନ୍ଦ୍ର ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ। ଏଥିରେ ୧୨୮୦ଟି ସରକାରୀ ବାସଗୃହ ନିର୍ମାଣ କରାଯିବ ଏବଂ ଛାତ୍ରାବାସରେ ଅଧିକ ୨୨୦୦ ଜଣ ଛାତ୍ରଛାତ୍ରୀ ରହିବାର ବ୍ୟବସ୍ଥା କରାଯିବ। ଏହି ମେଡିକାଲ କଲେଜ ହସ୍ପିଟାଲର ସୁପରିଚାଳନା ପାଇଁ ଏକ ସ୍ୱାଧୀନ ପରିଚାଳନା ମଣ୍ଡଳୀ ରହିବ। ଏହି ମଣ୍ଡଳୀ ବ୍ୟବସ୍ଥାରେ ପରିବର୍ତନ ଆଣିବା ସହ ଚିକିତ୍ସା, ଶିକ୍ଷା ଓ ଗବେଷଣାର ମାନ ବୃଦ୍ଧି ପାଇଁ କାମ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଜନସାଧାରଣ ସୁଲଭ ତଥା ଉଚ୍ଚ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପାଆନ୍ତୁ। ଓଡିଶାର ଲୋକ ଏଠାରେ ଉନ୍ନତ ଚିକିତ୍ସା ପାଇପାରିବେ ବୋଲି ଲକ୍ଷ୍ୟ ରହିଛି। ବହୁ ଓଡିଆ ଡାକ୍ତର ଦେଶ ବିଦେଶରେ ଚିକିତ୍ସା ସେବା ଯୋଗାଇ ସୁନାମ କରିଛନ୍ତି। ସେମାନେ ଯେପରି ସେମାନଙ୍କ ଜନମ ମାଟିରେ ସେମାନଙ୍କ ଦକ୍ଷତାକୁ ଓଡିଶାବାସୀଙ୍କ ସେବାରେଲଗାଇ ପାରିବେ, ସେଥିପାଇଁ ମଧ୍ୟ ଏକ ଉତମ ପରିବେଶ ସୃଷ୍ଟି କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ପ୍ରକଳ୍ପକୁ ସେ ନିଜେ ବ୍ୟକ୍ତିଗତ ଭାବରେ ତଦାରଖ କରୁଛନ୍ତି।ସମସ୍ତଙ୍କର ସହଯୋଗରେ ଏହି ଅନୁଷ୍ଠାନ ଦିନେ ଦେଶର ଶ୍ରେଷ୍ଠ ୩ଟି ଚିକିତ୍ସା ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ ମୁଖ୍ୟମନ୍ତ୍ରୀ। ଉଲ୍ଲେଖ୍ୟଯୋଗ୍ୟ ଯେ୧୯୪୪ ମସିହାରେ ସ୍ଥାପିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ ଦୀର୍ଘ ଦିନ ଧରି ଓଡିଶା ସମେତ ପୂର୍ବ ଭାରତର ବିଭିନ୍ନ ରାଜ୍ୟର ଲୋକମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବାରେ ସୁନାମ କରିଛି। ଏଠାରେ ପଢିଥିବା ଡାକ୍ତରମାନେ ସାରା ପୃଥିବୀରେ ସେମାନଙ୍କର ଦକ୍ଷତା ଦ୍ୱାରା ଓଡିଶାର ଗୌରବ ବୃଦ୍ଧି କରିଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂର୍ତ ସଚିବ ପ୍ରକଳ୍ପ ସଂପର୍କରେ ବିସ୍ତୃତ ଉପସ୍ଥାପନା ରଖିଥିଲେ।

## ମୁଖ୍ୟ ଶାସନ ସଚିବ ....

ସେହିପରି ସିଟିଜେନ ସେଂଟ୍ରିକ ସର୍ଭିସକୁ ଅନଲାଇନ କରିବା ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା । ତାହା ସଫଳତାର ସହ ହୋଇ ପାରିଛି । ଆମ ରାଜ୍ୟରେ ଆରମ୍ଭ ହୋଇଥିବା ଫିଡ଼ବ୍ୟାକ ପ୍ରକ୍ରିୟା ଆଉ କେଉଁଠି ନାହିଁ । ଯାହାଦ୍ୱାରା ମୁଁ ହୁଏ କିମ୍ୱା ମୁଖ୍ୟମନ୍ତ୍ରୀ କି ବିଭିନ୍ନ ସଚିବମାନେ ୧୦ ରୁ ୧୫ ଟି କଲ ନେଇ ବିଭିନ୍ନ ପ୍ରକଳ୍ପର ଗ୍ରାଉଣ୍ଡ ସ୍ଥିତି ବିଷୟରେ ଜାଣି ପାରୁଛୁ । ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବି ଆନେକ କାର୍ଯ୍ୟ ହାତକୁ ନିଆଯାଇଛି । ମୋ ସମୟରେ ସହଯୋଗୀମାନେ ମୋତେ ବହୁତ ସହଯୋଗ କରିଛନ୍ତି। ପୁରୀ, ଲିଙ୍ଗରାଜ ଓ ଏସ୍‌ସିବି ମେଡ଼ିକାଲ କଲେଜ ଭଳି ଅନେକ ବଡ଼ ବଡ଼ ପ୍ରକଳ୍ପ ହାତକୁ ନିଆଯାଇଛି। ଏପରିକି ୧୦ଟି ଜଳସେଚନ ପ୍ରକଳ୍ପ ଯାହାର କାର୍ଯ୍ୟ ବିଗତ ୩୦ ବର୍ଷ ଧରି ଚାଲୁଥିଲା ତାହାକୁ ବର୍ତମାନ ତ୍ୱରାନ୍ୱିତ କରାଯାଇଛି ଯାହାକି ଆଗାମୀ ତିନି ଚାରି ବର୍ଷ ଭିତରେ ଶେଷ ହୋଇଯିବ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଶୁକ୍ରବାର ଦିନ ଅସିତ ତ୍ରିପାଠୀଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ଆଂଚଳିକ ବିକାଶ, ପର୍ଯ୍ୟଟନ, କୃଷି ବାଣିଜ୍ୟ ଓ ଶିଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଥିଲା । ସେହିପରି ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କୁ ରାଜ୍ୟର ମୁଖ୍ୟ ସଚିବ ଭାବେ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନାଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି ।

## ଗୋଟିଏ ଦିନରେ ୩୧୫ ....

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୪୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୦ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୫ ଜଣ, ବରଗଡ଼ରୁ ୧୪ ଜଣ, ଭଦ୍ରକରୁ ୧ ଜଣ, ବଲାଙ୍ଗୀରରୁ ୪୦ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । କଟକରୁ ୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ ୨ ଜଣ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ କେହି ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୩ ଜଣ, ଜଗତ୍‌ସିଂହପୁରରୁ ୫ ଜଣ, ଯାଜପୁରରୁ ୧୫ ଜଣ, ଝାରସୁଗୁଡ଼ାରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡିରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୭ ଜଣ, ଖୋର୍ଦ୍ଧାରୁ ୨୪ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ୩, ମାଲକାନଗିରି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ୩ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡ଼ାରୁ ୨୬ ଜଣ ଚିହ୍ନଟ ହୋଇଥିବା ବେଳେ ପୁରୀ ଜିଲ୍ଲାରୁ ୧ ଜଣ ଓ ରାୟଗଡା ଜିଲ୍ଲାରୁ ୧ ଜଣ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୬ ଜଣ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୨, ସୁନ୍ଦରଗଡ଼ରୁ ୧୭ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୬ଜଣ ଚିହ୍ନଟ ହୋଇଛନ୍ତି।

## ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ .....

ସଂଲଗ୍ନ କରି ଉଲ୍ଲେଖ କରିଛନ୍ତି ଯେ ତାଙ୍କର ଅନୁରୋଧ କ୍ରମେ ରାଜ୍ୟ ସରକାର ଫେବୃୟାରୀ ୧୨,୨୦୨୦ରେ ବ୍ୟାକୁଆର୍ଡ କ୍ଲାସ କମିଶନ ଗଠନ କରିଛନ୍ତି। ମାତ୍ର ଏହି ଆୟୋଗର ରିପୋର୍ଟ ଏପର୍ଯ୍ୟନ୍ତ ଦାଖଲ ହୋଇନଥିବା ବେଳେ ଓବିସି ବର୍ଗ ପାଇଁ ସଂରକ୍ଷଣର ଅନୁରୋଧ ଏର୍ପ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେବେ ଓଡିଶା ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ଓବିସି ଏବଂ ଏସଇବିସି ଜନସଂଖ୍ୟା ସପକ୍ଷରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପାଇଁ ଯୁକ୍ତିକୁ ଦୋହରାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ରାଜ୍ୟର ମୋଟ ଜନସଂଖ୍ୟାର ପ୍ରମୁଖ ଅଂଶ ହେଉଛନ୍ତି ଓବିସି ଓ ଏସଇବିସି ବର୍ଗ। ତେବେ ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ସୁଯୋଗକୁ ବଂଚିତ ହୋଇଛନ୍ତି। ଯେଉଁ କାରଣରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିନାହିଁ। କେନ୍ଦ୍ର ସରକାର ପଛୁଆ ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଥିବା ବେଳେ ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଆଦି ରାଜ୍ୟ ଗୁଡିକ ମଧ୍ୟ ଏହି ଜାତି ଗୁଡିକର ଜନସଂଖ୍ୟାରେ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ତେବେ ରାଜ୍ୟରେ ଓବିସି ଏବଂ ଏସଇବିସି ପାଇଁ ଏଭଳି ସକରାତ୍ମକ କାର୍ଯ୍ୟାନୁଷ୍ଠାନ ନେବାରେ ରାଜ୍ୟ ସରକାରଙ୍କ ବିଳମ୍ବ ପରିଲକ୍ଷିତହୋଇଛି। ଏହି ବର୍ଗର ଲୋକମାନଙ୍କୁ ସଂରକ୍ଷଣ ନଦିଆଯାଇ ରାଜ୍ୟରେ ସାମାଜିକ - ଅର୍ଥନୈତିକ ବିକାଶର ସମନ୍ୱୟକୁ ଧରି ରଖିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଓଡିଶାର ବୃହତ ଅବହଳିତ ସମାଜ ଓବିସି ଏବଂ ଏସଇବିସି ଜନସଂଖ୍ୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଆଗ୍ରାଧିକାର ପ୍ରଦାନ କରିବା ଏବଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଉପଯୁକ୍ତ ସଂରକ୍ଷଣ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସକରାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି ଶ୍ରୀ ପ୍ରଧାନ।

# ତ୍ୟାଗଭୂମି ମହୋତ୍ସବ ଉଦ୍‌ଯାପିତ —
# 'ସାହିତ୍ୟରେ ଶାସ୍ତ୍ରୀୟ ଚେତନା ସ୍ରଷ୍ଟା ଓ ସୃଷ୍ଟିକୁ ଚିରନ୍ତନ ମର୍ଯ୍ୟାଦା ଦିଏ'




ଭଦ୍ରକ,୩୧।୧୨ (ନି.ପ୍ର): ଖ୍ରୀଷ୍ଟପୂର୍ବ ଶତାବ୍ଦୀରୁ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣିତ। ଶିଳାଲେଖ, ତାମ୍ରଲିପି ଓ ଭୁର୍ଜପତ୍ରରୁ ଆରମ୍ଭକରି ତାଳପତ୍ର ପୋଥି ଯାଏ ରାଶିରାଶି ରଚନାବଳୀ ଆମ ଭାଷାରେ ଉପଲବ୍ଧ। ପୁରାଣ, ଇତିହାସ ଓ ଲୋକସାହିତ୍ୟର ସମୃଦ୍ଧ ପରମ୍ପରା ଆମ ଭାଷା ଓ ସାହିତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଛି। ଆଧୁନିକ କାଳରେ ମଧ ଜୀବନଧର୍ମୀ ସାହିତ୍ୟ ସର୍ଜନା ସହିତ ମହାକାବ୍ୟିକ ମୂଲ୍ୟବୋଧକୁ ଯେଉଁ ସ୍ରଷ୍ଟାମାନେ ଅଗ୍ରାଧିକାର ଦେଇଛନ୍ତି, ସେମାନଙ୍କ ରଚନା କାଳଜୟିତା ହାସଲ କରିଛି। ରାଧାନାଥଙ୍କ ମହାଯାତ୍ରାଠାରୁ ରମାକାନ୍ତଙ୍କ ଶ୍ରୀରାଧା ଓ ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠରୁ ଶାନ୍ତନୁ ଆଚାର୍ଯ୍ୟଙ୍କ ଶକୁନ୍ତଳା ଯାଏ ଅନେକ ସ୍ରଷ୍ଟା ଆଧୁନିକ ସାହିତ୍ୟରେ ଶାସ୍ତ୍ରୀୟ ଚେତନାର ବାର୍ତ୍ତାବହନ କରିବାକୁ ସମର୍ଥ ହୋଇଛନ୍ତି। ଉତର ଆଧୁନିକ କାଳର ସ୍ରଷ୍ଟାମାନେ ମା' ଓ ମାଟିମନସ୍କ ହୋଇ ଗୃହାୟନରୁ ବିଶ୍ୱାୟନର ଯାତ୍ରା କରିବା ଅବସରରରେ ଚିରନ୍ତନ ମୂଲ୍ୟବୋଧଭିତ୍ତିକ ସାହିତ୍ୟ ସୃଷ୍ଟି ପ୍ରତି ଧ୍ୟାନଦେବା ବିଧେୟ ବୋଲି ତ୍ୟାଗଭୂମି ମହୋତ୍ସବର ଆଜି ଉଦ୍‌ଯାପନୀ ସନ୍ଧ୍ୟାରେ ମତପ୍ରକାଶ ପାଇଛି। କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଆଜିର ମଞ୍ଚଟି ଉତ୍ସର୍ଗ ହୋଇଥିଲା। 'ଆଧୁନିକ ସାହିତ୍ୟରେ ଶାସ୍ତ୍ରୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ରରେ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ କଥାକାର ବିଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାସ୍ତ୍ରୀୟତା ହିଁ ସାହିତ୍ୟକୁ କାଳଜୟୀ କରେ ଓ ଆଧୁନିକ କବି ଓ ଲେଖକମାନେ ଶାସ୍ତ୍ରୀୟତାର ମାନରକ୍ଷା ପୂର୍ବକ ଲେଖନୀ ଚାଳନା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ନେତାଜୀ ଅଭିନନ୍ଦନ ଯୋଗଦେଇ ଭଦ୍ରକର ମାଟି ହେଉଛି ଶାସ୍ତ୍ରୀୟତାର ମାଟି। ଭଦ୍ରକାଳୀ ପୀଠରୁ ସର୍ବପ୍ରଥମେ ଓଡ଼ିଆ ଲିପିର ସନ୍ଧାନ ମିଳିଥିଲା ଓ ଏ ମାଟିର କବି କାଳଜୟୀ ରଚନାବଳୀ ଉପରେ ପ୍ରାଧାନ୍ୟ ଦେଇ ଆସିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମେଳନ ପକ୍ଷରୁ ପ୍ରକାଶ ପାଇଥିବା 'ତ୍ୟାଗଭୂମିର କବି ଓ କାବ୍ୟଦିଗନ୍ତ' ବିଶେଷାଙ୍କ ଲୋକାର୍ପିତ ହୋଇଥିଲା। ପତ୍ରିକା ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ସମୀକ୍ଷା କରିଥିଲେ। ଭଦ୍ରକ କୁସୁମ ଟି.ଭି. ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇଥିଲା। ଅଧ୍ୟାପକ ନାସିର ବକ୍ସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସମ୍ପାଦକ ଡକ୍ଟର ଅଭୟ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ତ୍ୟାଗଭୂମି ସଭାପତି ଅଜୟ ନାୟକ କୋଭିଡ଼ କଟକଣା ଭିତରେ ୩ ଦିନିଆ ମହୋତ୍ସବରେ ପାଳନରେ ସହାୟତା ପ୍ରଦାନ କରିଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସୁଧାକର ରାଉତ, ଶ୍ରୀହର୍ଷ ସ୍ୱାଇଁ, ଇଂ ଅମ୍ବିକାବଲ୍ଲଭ ସ୍ୱାଇଁ, ଅଜିତ କୁମାର ଦାସ, ଗଦାଧର ବଳ, ବୈଲୋଚନ ବେହୁରିଆ, ଚାରୁଲତା ମହାପାତ୍ର, ବସନ୍ତ ମହାନ୍ତି, ଅମରେନ୍ଦ୍ର ବିଶ୍ୱାଳ, ରୂପକ ରାୟ, ବସୁମିତ୍ରା ସାହୁ, ସୀତାକାନ୍ତ ଦାସ, ଅଧିବକ୍ତା ପବନ ଶର୍ମା, ପରମାନନ୍ଦ ଦାସ, ଗିରିଧାରୀ ନାଥ, ଅଭିଜିତ୍ ନାୟକ, ଅଶୋକ ଦାସ, ହୃଷୀକେଶ ନାୟକ, ଅମର ମହାନ୍ତି, ପଙ୍କଜ ବଳ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଇପିଏଫ ପେନସନର୍ସ ଆସୋସିଏସନ ବୈଠକ

ବାଲେଶ୍ୱର,୩୧।୧୨ (ନି.ପ୍ର): ସରକାରୀ ଉଦ୍ୟୋଗ ତଥା ଘରୋଇ ସଂସ୍ଥାରୁ ଅବସରପ୍ରାପ୍ତ ପେନସନଭୋଗୀଙ୍କୁ ନେଇ ଗଠିତ ପେନସନର୍ସ ଆସୋସିଏସନର ଏକ ବୈଠକ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଇଂ. ଅନାଦି ଚରଣ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ପେନସନଭୋଗୀ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମାସିକ ସର୍ବନିମ୍ନ ପେନସନ ଏକ ହଜାର ଟଙ୍କାରୁ ୯ ହଜାରକୁ ବୃଦ୍ଧି କରିବା, ଉଚ୍ଚ ବେତନ ହାରରେ ପେନସନ ପ୍ରଦାନ କରିବା, ଅନ୍ୟାନ୍ୟ କର୍ମଚାରୀଙ୍କ ଭଳି ପେନସନଭୋଗୀଙ୍କୁ ମହଙ୍ଗାଭତ୍ତା ପ୍ରଦାନ ଓ ସ୍ୱାସ୍ଥ୍ୟବୀମା ଦାବିକୁ ସମର୍ଥନ କରି ସମଗ୍ର ଦେଶର ଶତାଧିକ ସାଂସଦ ଓ ଆମ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଚିଠିରେ ଅନୁରୋଧ କରିଥିଲେ ମଧ କେନ୍ଦ୍ର ସରକାର ବରିଷ୍ଠ ନାଗରିକମାନଙ୍କର ଏହି ଦାବିପ୍ରତି ବିଚାର କରୁନାହାନ୍ତି ବୋଲି ଶ୍ରୀ ମହାନ୍ତି କହିଥିଲେ। ଏନେଇ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆସୋସିଏସନର ରାଜ୍ୟ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କୁ ସର୍ବଭାରତୀୟ କମିଟିର ଉପ-ସଭାପତି ଭାବେ ନିର୍ବାଚିତ କରାଯାଇଥିବାରୁ ଶାଖା କମିଟି ପକ୍ଷରୁ ତାଙ୍କୁ ଅଭିନନ୍ଦନ କରାଯାଇଥିଲା। ଏଥି ସହିତ ଆସୋସିଏସନର ସଦସ୍ୟ ଥାଇ ଇହଧାମ ପରିତ୍ୟାଗ କରିଥିବା ପେନସନଭୋଗୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅନ୍ୟତମ ସମ୍ପାଦକ ଶ୍ୟାମସୁନ୍ଦର ଜେନା ଏହି ବୈଠକର ବାର୍ଷିକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ।

ଶୁକ୍ରବାର, ୦୧ ଜାନୁଆରୀ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ପୂର୍ବତଟ ରେଳପଥରୁ ଚାଲିବ ୬ ଯୋଡ଼ା ବିଶେଷ ଟ୍ରେନ୍

ଭୁବନେଶ୍ୱର,୩୧।୧୨ (ନି.ପ୍ର): ଆସନ୍ତା ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ପୂର୍ବତଟ ରେଳପଥ ମଧ୍ୟରୁ ୬ ଯୋଡା ଅତିରିକ୍ତ ବିଶେଷ ଟ୍ରେନ୍ ଚାଲିବ। ୦୨୮୮୨/୦୨୮୮୧ ଭୁବନେଶ୍ୱର-ପୁନେ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ୧୨ ଜାନୁଆରୀ ଠାରୁ ପ୍ରତ୍ୟେକ ମଙ୍ଗଳବାର ଦିନ ରାତ୍ର ୯ଟା୩୦ମି.ରେ ଏବଂ ପୁନେରୁ ୧୪ଜାନୁୟାରୀ ଠାରୁ ପ୍ରତ୍ୟେକ ଗୁରୁବାର ଦିନ ପୂର୍ବାହ୍ନ ୧୧ଟା୧୫ମି.ରେ ଛାଡିବ । ସେହିପରି ୦୨୦୭୧/୦୨୦୭୨ ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ୧୦ ଜାନୁଆରୀ ଠାରୁ ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୧୨ଟା୧୦ମି. ରେ ଛାଡିବାକୁ ଥିବାବେଳେ ତିରୁପତିରୁ ୧୧ ଜାନୁୟାରୀ ଠାରୁ ପ୍ରତ୍ୟକ ସେମବାର ଦିନ ପୂର୍ବାହ୍ନ ୧୦ଟା୨୫ମି. ଛାଡିବ । ୦୮୫୦୩/୦୮୫୦୪ ବିଶାଖାପାଟନମ୍-ସାଇ ନାଗର ସିରିଡ଼ି-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପାଟନମରୁ ୧୪ ଜାନୁଆରୀ ଠାରୁ ପ୍ରତ୍ୟେକ ଗୁରୁବାର ଦିନ ପୂର୍ବାହ୍ନ ୮ଟା୨୦ମି.ରେ ଛାଡିବ ଏବଂ ୧୫ ଜାନୁଆରୀ ଠାରୁ ସାଇ ନାଗର ସିରିଡ଼ିରୁ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା ୭ଟା୩୫ମି.ରେ ଛାଡିବ । ୦୮୫୬୭/୦୮୫୬୮ ବିଶାଖାପାଟନମ୍-କୋଲାମ-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ୧୪ ଜାନୁଆରୀ ଠାରୁ ବିଶାଖାପାଟନମରୁ ପ୍ରତ୍ୟେକ ଗୁରୁବାର ଦିନ ସକାଳ୭ଟା୨୫ମି. ରେ ଛାଡିବ ଏବଂ ୧୫ ଜାନୁଆରୀ ଠାରୁ କୋଲାମରୁ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା ୭ଟା୩୫ମି.ରେ ଛାଡିବ। ୦୨୦୦୭/୦୨୦୦୮ ବିଶାଖାପାଟନମରୁ ବିଶାଖାପାଟନମ୍-ଚେନ୍ନାଇ ସେଂଟ୍ରାଲ୍-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ୧୫ ଜାନୁଆରୀ ଠାରୁ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା ୭ ଟା୦୫ମି. ରେ ଛାଡିବ ଏବଂ ଚେନ୍ନାଇ ସେଂଟ୍ରାଲରୁ ୧୬ ଜାନୁଆରୀ ଠାରୁ ପ୍ରତ୍ୟେକ ଶନିବାର ଦିନ ପୂର୍ବାହ୍ନ ୧୦ ଟାରେ ଛାଡିବ । ସେହିପରି ୦୮୩୦୯/୦୮୩୧୦ ସମ୍ବଲପୁର-ଜାମ୍ମୁ ତାୱି-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରରୁ ୧୧ ଜାନୁଆରୀ ଠାରୁ ପ୍ରତ୍ୟେକ ସୋମବାର, ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଦିନ ପୂର୍ବାହ୍ନ ୧୧ଟାରେ ଛାଡିବ ଏବଂ ୧୪ ଜାନୁୟାରୀ ଠାରୁ ଜାମ୍ମୁ ତାୱିରୁ ପ୍ରତ୍ୟେକ ଗୁରୁବାର, ଶୁକ୍ରବାର, ରବିବାର ଏବଂ ମଙ୍ଗଳବାର ଦିନ ଅପରାହ୍ନ ୨ଘ.୪୫ମି.ରେ ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ ।

## କୃଷିକର୍ମୀମାନଙ୍କର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୧।୧୨ (ନି.ପ୍ର): ରାଜ୍ୟର ଅର୍ଥନୈତିକ ବିକାଶରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଗ୍ରାମ୍ୟ କୃଷିକର୍ମୀମାନେ କୃଷକମାନଙ୍କ ସହ ଯୋଡ଼ି ରହି ଚାଷ କାର୍ଯ୍ୟକୁ ଆଗେଇ ନିଅନ୍ତୁ । ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ କୃଷିକର୍ମୀମାନେ ଚାଷୀମାନଙ୍କ ସହିତ ସିଧାସଳଖ ସଂପର୍କରେ ଆସୁଥିବାରୁ ସେମାନେ ଚାଷୀମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରିପାରିବେ ।ରାଜ୍ୟ ସରକାର କୃଷକମାନଙ୍କର ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ନିମନ୍ତେ କୃଷି ନୀତି୨୦୨୦ 'ସମୃଦ୍ଧି' ସମେତ ଅନେକ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି । ଏହାର ସଫଳ ରୂପାୟନ ଓ ଚାଷୀମାନଙ୍କୁ ଏହାର ଲାଭ ପହଂଚାଇବା ଦିଗରେ ଗ୍ରାମ୍ୟ କୃଷିକର୍ମୀମାନେ ମହତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଗୁରୁବାର ପୂର୍ବାହ୍ନରେ ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଦକ୍ଷିଣାଂଚଳ ରାଜସ୍ୱ କମିଶନର ଅନ୍ତର୍ଗତ ୧୦ଟି ଜିଲ୍ଲାର ଗ୍ରାମ୍ୟ କୃଷିକର୍ମୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ ବିଗତ ୨୦ ବର୍ଷ ମଧ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ସଂପ୍ରତି କୋଭିଡ୍-୧୯ ସତ୍ୱେ ରାଜ୍ୟ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରାଜ୍ୟ ସରକାର ଅନେକ ପ୍ରୋତ୍ସାହନ ଯୋଗାଇ ଦେଉଥିବାରୁ ଯୁବକଯୁବତୀମାନଙ୍କୁ ଏଥିପ୍ରତି ଆକୃଷ୍ଟ କରି କୃଷିରେ ମନୋନିବେଶ ଓ ପୁଂଜିନିବେଶ ପାଇଁ ଗ୍ରାମ୍ୟ କୃଷିକର୍ମୀମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଲେ ଯେ ବିଭାଗ ଦ୍ୱାରା ଟୋଲ-ଫ୍ରି ମୋବାଇଲ୍ ସୂଚନା ସେବା 'ଆମ କୃଷି'କୁ କୃଷକମାନଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ କରାଇବାକୁ ପଡ଼ିବ । ଏଥି ସହିତ ସରକାରୀ କୃଷି ଯୋଜନା ସଠିକ୍ ହିତାଧିକାରୀଙ୍କ ନିକଟରେ ପହଂଚାଇବା ନିମନ୍ତେ ଏକ ନିର୍ଭୁଲ ଡାଟାବେସ୍ ପ୍ରସ୍ତୁତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବିଭାଗ ଦ୍ୱାରା ପ୍ରଣୟନ କରାଯାଇଥିବା 'ଦକ୍ଷତା' କାର୍ଯ୍ୟକ୍ରମରେ ଗ୍ରାମ୍ୟ କୃଷିକର୍ମୀମାନଙ୍କୁ ମିଳୁଥିବା ପ୍ରୋତ୍ସାହନ ସେମାନଙ୍କ ଦକ୍ଷତା ବୃଦ୍ଧି ଦିଗରେ ସାହାଯ୍ୟ କରିପାରିବ ବୋଲି ପ୍ରମୁଖ ଶାସନ ସଚିବ ଡ. ଗର୍ଗ କହିଥିଲେ।

## ବଡ ମାଛ ଛାଡି ଚୁନା ମାଛକୁ ଧରୁଛନ୍ତି ରାଜ୍ୟ ସରକାର : ଲେଖାଶ୍ରୀ



ଭୁବନେଶ୍ୱର,୩୧।୧୨ (ନି.ପ୍ର): ଦୀର୍ଘ ୨୦ ବର୍ଷ ଧରି ନବୀନ ବାବୁ ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରସୟ ଦେଇ ଚାଲିଛନ୍ତି । ଆଉ ଏବେ କେବଳ ବାହା ବାହା ନେବା ପାଇଁ ସଂପତି ତାଲିକା କଥା ଉଠାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମୁଖ୍ୟମନ୍ତ୍ରୀ ଯଦି ଦୁର୍ନୀତିକୁ ବନ୍ଦ କରିବା ପାଇଁ ଚାହୁଁଛନ୍ତି ତେବେ ବଡ ମାଛଙ୍କୁ ଛାଡି କେବଳ ଛୋଟ ମାଛ ମାନଙ୍କୁ କାହିଁକି ଧରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ରାଜ୍ୟସରକାର ଦୁର୍ନୀତିର ହୋଲସେଲ ଠୁ ଖୁଚୁରା ପର୍ଯ୍ୟନ୍ତ ବେପାର ଚଳେଇଛନ୍ତି । ରାଜ୍ୟ ସରକାରଙ୍କର ଦୁର୍ନୀତିକୁ ବନ୍ଦ କରିବା ପାଇଁ କୌଣସି ଆନ୍ତରିକତା ନାହିଁ ନହେଲେ ୨୦ବର୍ଷ ପରେ ହଠାତ୍ କାହିଁକି ସଂପତି ତାଲିକା କଥା ମନେ ପଡିଲା ? ରାଜ୍ୟସରକାର କେବଳ ଚୁନା ମାଛ ଯଥା ଜେଇ, ଅଙ୍ଗନବାଡି ଦିଦି , ଏଏନଏମ, ପିଇଓ, କିରାଣୀ ମାନଙ୍କ ଘରେ ରେଡ୍ କରି ଲୋକଙ୍କୁ ଭ୍ରମିତ କରୁଛନ୍ତି । ବଡ ମାଛ ଯଥା ହେମନ୍ତ ଶର୍ମା, ଗଜଭିୟେ ଆଉ ମନୀଷ ଅଗ୍ରୱାଲଙ୍କ ଘରେ କେବେ ରେଡ୍ ହେବ ମୁଖ୍ୟମନ୍ତ୍ରୀ ତାହା ସ୍ୱଷ୍ଟ କରନ୍ତୁ ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ଏବେବି ଗେଜେଟେଡ ଅଫିସର, ସାଂସଦ ଓ ବିଧାୟକଙ୍କ ସମ୍ପତି ତାଲିକା ସରକାରଙ୍କ ପାଖରେ ଅଛି । ଏହି ତାଲିକା ଆଧାରରେ ରାଜ୍ୟସରକାର ଦୁର୍ନୀତିକୁ ରୋକିବାରେ କ'ଣ ପଦକ୍ଷେପ ନେଇଛନ୍ତି ? ସରକାର କହୁଛନ୍ତି ସବୁ ସମ୍ପତି ତାଲିକା ଲୋକଯୁକ୍ତଙ୍କ ପାଖକୁ ଯିବ । ହେଲେ ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ନାହିଁ । ସେ ପୁଣି ରାଜ୍ୟ ଭିଜିଲାନ୍ସକୁ ତଦନ୍ତ ଦାୟୀତ୍ୱ ଦେବେ, ଯେଉଁଠି ସରକାରଙ୍କ ଇସାରାରେ ଭିଜିଲାନ୍ସ ତଦନ୍ତ କରିବ ଏବଂ ଅପରାଧୀକୁ କ୍ଲିନଚିଟ୍ ଦେବ । ସମସ୍ତ ଦୁର୍ନୀତିର ଉସ୍ ତୃତୀୟ ମହଲାରେ ରେଡ୍ କରି ମୁଖ୍ୟମନ୍ତ୍ରୀ ନିଜର ନିର୍ମଳ ଭାବମୂର୍ତ୍ତିର ପରିଚୟ ଦିଅନ୍ତୁ । ବଡ ମାଛକୁ ପୋଖରୀ ଖରାପ କରିବାକୁ ଛାଡି ଦେଇ ଏମିତି ତଳ ତଳିଆ କର୍ମଚାରୀଙ୍କୁ ଗିରଫ କରି ମୁଖ୍ୟମନ୍ତ୍ରୀ ବାହାଦୂରୀ ମାରିବା ବନ୍ଦ କରନ୍ତୁ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜେପି ଲିଗାଲ ସେଲ୍

ଭୁବନେଶ୍ୱର,୩୧।୧୨ (ନି.ପ୍ର): ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଇନକମ ଟ୍ୟାକ୍ସ ରିଟର୍ଣ୍ଣ ପାଇଁ ୧୦ ଜାନୁଆରୀ ଏବଂ ଜିଏସଟି ଦାଖଲ ପାଇଁ ୨୮ ଫେବୃଆରୀ ୨୦୨୧ ତାରିଖ ଯାଏଁ ବୃଦ୍ଧି କରାଯାଇଛି । କୋଭିଡ ମହାମାରୀ ଓ ବିଭିନ୍ନ ଛୁଟି ଥିବାରୁ ଇନକମ ଟ୍ୟାକ୍ସ ରିଟର୍ଣ୍ଣ ଓ ଜିଏସଟି ଦାଖଲ କରିବା ନେଇ ସମୟସୀମା ବୃଦ୍ଧି କରିବା ପାଇଁ ରାଜ୍ୟ ବିଜେପି ଲିଗାଲ ସେଲ୍ ଅଧ୍ୟକ୍ଷ ରବି ଶଙ୍କର ପଟ୍ଟନାୟକ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ । ଏହି ଅନୁରୋଧକୁ ରଖି ସମୟ ସୀମା ବୃଦ୍ଧି କରାଯାଇଥିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ରାଜ୍ୟ ବିଜେପି ଲିଗାଲ ସେଲ୍ ଅଧ୍ୟକ୍ଷ ଶ୍ରୀ ରବି ଶଙ୍କର ପଟ୍ଟନାୟକ ।




### ୨୦୨୧ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ୨୪ ନମ୍ବର ୱାର୍ଡର ସମସ୍ତ ଗୁରୁଜନ ଓ ଭାଇଭଉଣୀଙ୍କୁ ଓ ଓଡ଼ିଶାର ସମସ୍ତ ସଭ୍ୟ ସଭ୍ୟା ମାନଙ୍କ କିପରି ସୁଖ, ଶାନ୍ତି, ସମୃଦ୍ଧି ହେବ ପ୍ରଭୁ ଶ୍ରୀରାମଙ୍କ ଠାରେ ମୋର ପ୍ରାର୍ଥନା ।

୨୪ ନଂ ୱାର୍ଡର ନଗର ବିଜେପି ସଭାପତି
ଅଶୋକ ଦାସ (ଟୁନା)



### ୨୦୨୧ ନବବର୍ଷର ଶୁଭେଚ୍ଛା



ନବବର୍ଷ ୨୦୨୧ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ବାଲେଶ୍ୱରବାସୀ ଓ ଓଡ଼ିଶାର ଅଗଣିତ ଜନସାଧାରଣଙ୍କର ସୁଖ, ଶାନ୍ତି, ସମୃଦ୍ଧି ଓ ସଂକଳ୍ପର ବର୍ଷ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଚଲାପଥ କୁସମିତ ହେଉ । ଏହାହିଁ ମହାପ୍ରଭୁ ଜଗନ୍ନାଥଙ୍କଠାରେ ପାର୍ଥନା ।

ଅରୁଣ ଦେ
ପୂର୍ବତନ ବାଲେଶ୍ୱର ବିଧାୟକ



### ୨୦୨୧ ନବବର୍ଷର ଶୁଭେଚ୍ଛା



୨୦୨୧ ର ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । ଏହାହିଁ ମୋର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ କାମନା ।

ଗୋପାମୁଦ୍ରା ମହାପାତ୍ର
ସଭାନେତ୍ରୀ, ବାଲେଶ୍ୱର ଜିଲ୍ଲା ନାରୀସଂଘ
ମୋ: ୯୮୬୧୨୩୯୧୯୭



### ୨୦୨୧ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଧୁସୁରି ସେବାସମିତି ତରଫରୁ ଅଗଣିତ ଭାଇଭଉଣୀଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆବର୍ଷ ସମସ୍ତଙ୍କର ମଙ୍ଗଳମୟ ହେଉ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ପ୍ରମୋଦ କୁମାର କର
ସମ୍ପାଦକ ଧୁସୁରୀ ସେବା ସମିତି
ଧୁସୁରୀ ଭଦ୍ରକ





### ୨୦୨୧ ନବବର୍ଷର ଶୁଭେଚ୍ଛା

ଧାମନଗର ନିର୍ବାଚନମଣ୍ଡଳୀର ଅଗଣିତ ଭାଇ, ଭଉଣୀ ଓ ଗୁରୁଜନ ମାନଙ୍କୁ ନବବର୍ଷ ୨୦୨୧ର ଅଭିନନ୍ଦନ ଜଣାଉଛି । ନବବର୍ଷ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ, ଏହାହିଁ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

ରାଜେନ୍ଦ୍ର କୁମାର ଦାସ
ଧାମନଗର ପୂର୍ବତନ ବିଧାୟକ


## ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର : ହତ୍ୟା ନା ଆତ୍ମହତ୍ୟା ସନ୍ଦେହ

ଖଇରା,୩୧।୧୨(ନିପ୍ର) ଖଇରା ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ସାଲମା ଗଡିଆ ନିକଟରେ ଥିବା ଏକ ବିଲମଝିରୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବାର ଜଣା ପଡିଛି । ବୃଦ୍ଧ ଜଣଙ୍କର ପରିଚୟ ମିଳିନଥିବାର ଜଣା ପଡିଛି । ଘଟଣାରୁ ପ୍ରକାଶ ଯେ ଧାନ ବିଲରେ ଚାଷିମାନେ ଧାନ କାଟିଆଣିବା ପରେ ନଡା ଜମିରେ ରଖିଦେଇଥାଆଁ । ଏହି ନଡା ଉପରେ ଜଣେ ବୃଦ୍ଧ ବ୍ୟକ୍ତି ପାଖରେ ଲୁଙ୍ଗି ,ଗାମୁଛା ପଡିଥିବାର ଜଣାପଡିଛି । ଗ୍ରାମବାସୀମାନେ ବିଲ ମଝିକୁ କୌଣସୀ କାରଣ ବସତ ଯାଇଥିବାବେଳେ ତାଙ୍କ ନଜରରେ ଏ ଘଟଣା ଦେଖିଲା ପରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ । ପରେ ଖଇରା ପୋଲିସକୁ ଜଣାଇବା ସହିତ ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦ' ଆରମ୍ଭ କରିଛି । କିଁ ସନ୍ଧ୍ୟା ସୁଦ୍ଧା ମୃତ ବ୍ୟକ୍ତିର ପରିଚୟ ମିଳିପାରିନଥିବା ବେଳେ ମୃତ୍ୟୁର କାରଣ ଜଣାପଡିନାହିଁ ।


### ୨୦୨୧ ନବବର୍ଷର ଶୁଭେଚ୍ଛା

ଜଗତର ଆରାଧ୍ୟ ଦେବତା ଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ ନବବର୍ଷ ୨୦୨୧ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧି ଓ ପ୍ରତିଷ୍ଠା ଭରି ଦିଅନ୍ତୁ ବୋଲି ଆଶାଟେଡ ପରିବାର ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ଆମ୍ଭେ ଆରାଧନା କରିଅଛୁ ।






ଆଶା ଟ୍ରେଡ ପରିବାର, ବାଲେଶ୍ୱର



### ୨୦୨୧ ନବବର୍ଷର ଶୁଭେଚ୍ଛା

ବାଲେଶ୍ୱର ଆଇନ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସମସ୍ତ ସଭ୍ୟସଭ୍ୟାଙ୍କୁ ନବବର୍ଷ ୨୦୨୧ର ଆନ୍ତରିକ ଶୁଭେଚ୍ଛା । ଆସନ୍ତୁ ଆମେ ସମସ୍ତେ ମିଳିମିଶି ବାଲେଶ୍ୱର ସହରକୁ ସ୍ୱଚ୍ଛ ସୁନ୍ଦର ଭାବେ ଗଠନ କରିବା । ଏହା ଜଗନ୍ନାଥଙ୍କଠାରେ ମୋର ପ୍ରାର୍ଥନା ।




ଧୀରେନ୍ଦ୍ର କୁମାର ଜଟାନିଆ
କୋଷାଧ୍ୟକ୍ଷ, ବାଲେଶ୍ୱର ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦ, ବାଲେଶ୍ୱର
ମୋ: ୯୯୩୭୦୨୨୧୪୯



### ୨୦୨୧ ନବବର୍ଷର ଶୁଭେଚ୍ଛା



ନବବର୍ଷ ୨୦୨୧ ଆପଣ ଓ ଆପଣଙ୍କ ପରିବାରର ସୁଖଶାନ୍ତି, ସମୃଦ୍ଧି ଓ ସଂକଳ୍ପର ବର୍ଷ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଚଲାପଥକୁ କୁସୁମିତ କରୁ । ଏବର୍ଷ ପ୍ରାରମ୍ଭରୁ ଲୋକେ କୋଭିଡ ୧୯ରେ ନିର୍ଯ୍ୟାତିତ ହୋଇ ନିଜକୁ ଅସହାୟ ମନେକରୁଥିବା ବେଳେ ଆଗାମୀ ବର୍ଷ ୨୦୨୧ ବର୍ଷଟି ବିଗତ ବର୍ଷର ଯନ୍ତ୍ରଣାରୁ ମୁକ୍ତି ପାଇ ଏକ ସୁନ୍ଦର ଶୃଙ୍ଖଳିତ ସମାଜ ମିଳୁ ଏହାହିଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

ଧ୍ରୁବ ରଣା
ଚଳଚ୍ଚିତ୍ର ପ୍ରଯୋଜକ, ବାଲେଶ୍ୱର



### ୨୦୨୧ ନବବର୍ଷର ଶୁଭେଚ୍ଛା

ବାଲେଶ୍ୱର ତଥା ଓଡ଼ିଶାର ଅଗଣିତ ଜନସାଧାରଣଙ୍କୁ ମୋର ନବବର୍ଷ ୨୦୨୧ର ଆନ୍ତରିକ ଶୁଭେଚ୍ଛା । ଆସନ୍ତୁ ସମସ୍ତେ ମିଳିମିଶି ବାଲେଶ୍ୱର ସହରକୁ ସ୍ୱଚ୍ଛ ଓ ସୁନ୍ଦର ରୂପେ ଗଠନ କରିବା ସହ ଜୀବନର ନିରାପତ୍ତା ଓ ସୁରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ କରିବା ଓ ପ୍ରଶାସନକୁ ସହଯୋଗ କରିବା ।






ଦୀପକ କୁମାର ରଣା



### ୨୦୨୧ ନବବର୍ଷର ଶୁଭେଚ୍ଛା



ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ନବବର୍ଷ ଆମ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେବା ସହ କରୋନାମୁକ୍ତ ବର୍ଷ ହେଉ ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ମିନତୀ !

ସୁଜିତ୍ ଦେବ


## ଏଥର ନୂଆବର୍ଷ ପାଳିବେନି ପିସିସି ସଭାପତି

ଭୁବନେଶ୍ୱର,୩୧।୧୨ (ନି.ପ୍ର): କେନ୍ଦ୍ର ସରକାର ପାରିତ କରିଥିବା କୃଷି ଓ କୃଷକ ବିରୋଧି ଆଇନ୍‌ର ପ୍ରତ୍ୟାହାର ଦାବିରେ ଲକ୍ଷ ଲକ୍ଷ ଚାଷୀ ଶୀତ କାକରରେ ରାସ୍ତାରେ ପଡିରହି ଆନ୍ଦୋଳନ ଚଳାଇଛନ୍ତି। ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶାରେ ସମୟ ଅତିବାହିତ କରୁଥିବା ବେଳେ ସରକାର ଏପର୍ଯ୍ୟନ୍ତ ସେମାନଙ୍କର ଦାବିକୁ ଶୁଣି ନାହାନ୍ତି। ଏପରିକି ୪୦ ରୁ ଉର୍ଦ୍ଧ୍ୱ ଚାଷୀ ମୃତ୍ୟୁବରଣ କଲେଣି। ଚାଷୀମାନେ ଦେଶର ମେରୁଦଣ୍ଡ। କଂଗ୍ରେସ ଦଳ ସର୍ବଦା କୃଷକମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଆସିଛି। ଏଭଳି ଦୁଃଖଦ ସମୟରେ ସେମାନଙ୍କ ପ୍ରତି ସମର୍ଥନ ଓ ସମବେଦନା ଜଣାଇବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଆସନ୍ତାକାଲି ୨୦୨୧ ନୂଆବର୍ଷ ପାଳନ କରିବେ ନାହିଁ ବୋଲି ନିଷ୍ପତି ନେଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo